R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୧୮
ତିଥି : ଅଷ୍ଟମୀ
୧୯ ଅକ୍ଟୋବର ୨୦୨୬, ସୋମବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
19 October 2026, Monday

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



## ଶାରଦୀୟ ଶୁଭେଚ୍ଛା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ 'ସମୟ'ର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ବିଜ୍ଞାପନଦାତା, ସମ୍ବାଦଦାତା, ଏଜେଣ୍ଟ ଓ ବିତରକମାନଙ୍କୁ 'ସମୟ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।

ନିର୍ଦ୍ଦେଶିକା

## 'ସମୟ'ର ଛୁଟି

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ 'ସମୟ' କାର୍ଯ୍ୟାଳୟ ଚଳିତ ଅକ୍ଟୋବର ମାସ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୨୩ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ ।

ନିର୍ଦ୍ଦେଶିକା

### ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

# ଶିକ୍ଷା, ନିଯୁକ୍ତି ଉପରେ ଗୁରୁତ୍ୱ

କଟକ, ୧୮ ।୧୦ (ସବ୍ୟୁ) : ଓଡ଼ିଶାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ସଦ୍ୟ ସମାପ୍ତ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଛାତ୍ର ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। କଟକରେ ଆୟୋଜିତ ଏକ ସଭାରେ ଯୋଗଦେଇ ସେ ଛାତ୍ରଶକ୍ତିକୁ ରାଜ୍ୟର ବିକାଶର ପ୍ରମୁଖ ଆଧାର ବୋଲି ଅଭିହିତ କରିବା ସହ ଶିକ୍ଷା, ନିଯୁକ୍ତି, ଦକ୍ଷତା ବିକାଶ ଓ ନିଶାମୁକ୍ତ କ୍ୟାମ୍ପସ ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଛାତ୍ର ସଂସଦ ନିର୍ବାଚନରେ ଏବିଭିପିର ବିଜୟ କେବଳ ଏକ ନିର୍ବାଚନୀ ସଫଳତା



ନୁହେଁ, ବରଂ ଯୁବପିଢ଼ିଙ୍କ ବିଶ୍ୱାସର ପ୍ରତିଫଳନ। ୨୦୧୭ ମସିହାରୁ ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବନ୍ଦ ରହିଥିବା ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ କରିବା ସରକାରଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଥିଲା ଏବଂ ତାହା ପୂରଣ କରାଯାଇଛି ବୋଲି ସେ କହିଥିଲେ।ନିର୍ବାଚନ ସମୟରେ ଛାତ୍ର ହିଂସା ନେଇ ରହିଥିବା ଆଶଙ୍କାକୁ ଛାତ୍ରଛାତ୍ରୀ ଭୁଲ ପ୍ରମାଣିତ କରିଛନ୍ତି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ସମାପ୍ତ ( ୯ ପୃଷ୍ଠାରେ)

- କେଜିରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା
- ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ଓ ସିଭିଲ ସର୍ଭିସ କୋଚିଂ
- ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶକୁ ପ୍ରାଥମିକତା
- ନିଶାମୁକ୍ତ କ୍ୟାମ୍ପସ ଗଠନ ପାଇଁ ଆହ୍ୱାନ

## ଶପଥ ନେଲେ ନୂଆ ରାଜ୍ୟପାଳ




ଭୁବନେଶ୍ୱର, ୧୮ ।୧୦ (ସବ୍ୟୁ) : ରବିବାର ଦିନ ଭୁବନେଶ୍ୱରସ୍ଥିତ ଲୋକ ଭବନ ଠାରେ ବ୍ରଜମୋହନ ରାମ ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ତାଙ୍କୁ ଶପଥ ପାଠ କରାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟର ମନ୍ତ୍ରୀଗଣ, ସାଂସଦ, ବିଧାୟକ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବତନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ପରେ ଶ୍ରୀ ରାମ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବ ପରେ ମାନ୍ୟବର ରାଜ୍ୟପାଳଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ତିନିଥର ସାଂସଦ ଓ ପୂର୍ବତନ ବିଧାୟକ ଥିବା ବର୍ତ୍ତମାନର ରାଜ୍ୟପାଳ ଶ୍ରୀ ରାମ ଶନିବାର ଦିନ ଭୁବନେଶ୍ୱର ପହଞ୍ଚିଥିଲେ। ବିମାନବନ୍ଦରରେ ଅବତରଣ କରିବା ପରେ ସେ ତାଙ୍କ ପରିବାର ସହିତ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଓଡ଼ିଶା ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ଭଗବାନ ଜଗନ୍ନାଥଙ୍କ ଆଶୀର୍ବାଦ ପ୍ରାର୍ଥନା କରିଥିଲେ।

## ଶ୍ରଦ୍ଧାଳୁଙ୍କ ଉପରେ ମାଡ଼ିଗଲା ଟ୍ରକ୍, ୧୩ ମୃତ

ଭୋପାଳ, ୧୮ ।୧୦ : ମଧ୍ୟପ୍ରଦେଶର ଗ୍ୱାଲିୟରରେ ଭୟଙ୍କର ଦୁର୍ଘଟଣା । ଶୀତଲା ମାତା ମନ୍ଦିର ରୋଡ୍‌ରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ରାସ୍ତାରେ ଥିବା ଶ୍ରଦ୍ଧାଳୁଙ୍କ ଉପରେ ମାଡ଼ିଯାଇଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ଥିବା ଜଣାପଡ଼ିଛି । ଆହତଙ୍କ ମଧ୍ୟରେ ଦୁଇଜଣ ପୁଲିସ କର୍ମଚାରୀ ମଧ୍ୟ ଅଛନ୍ତି ।

ସୂଚନା ଅନୁସାରେ, ରବିବାର ରାତି ପ୍ରାୟ ୧ଟା ସମୟରେ ଟ୍ରକ୍‌ଟି ( ୯ ପୃଷ୍ଠାରେ)

## ବିଦ୍ୟୁତ୍ ଆଘାତରେ ଦୁଇ କେବୁଲ କର୍ମଚାରୀଙ୍କ ମୃତ୍ୟୁ

ପୁରୀ, ୧୮ ।୧୦ : ପୁରୀ ସହର ବଳିଆପଣ୍ଡା ଥାନା ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଦୁଇ ଜଣ କେବୁଲ୍ କର୍ମଚାରୀଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଯୁବକମାନେ ହେଲେ ବାପି ପ୍ରଧାନ ଓ ସୁବ୍ରତ ସାହୁ। ଉଭୟ ବଳିଆପଣ୍ଡା ଥାନା ଅଞ୍ଚଳର ସ୍ଥାୟୀ ବାସିନ୍ଦା ବୋଲି ଜଣାପଡିଛି। ସୂଚନାରୁ ଜଣାଯାଇଛି, ଉଭୟ ବାପି ଓ ସୁବ୍ରତ ଏକ ଟିଭି କେବୁଲ ଅପରେଟର ସଂସ୍ଥାରେ କାମ କରୁଥିଲେ। ଆଜି (ରବିବାର) ଅପରାହ୍ଣ ପ୍ରାୟ ୩ଟା ସମୟରେ ବଳିଆପଣ୍ଡା ଅଞ୍ଚଳରେ ଟିଭି କେବୁଲ ( ୯ ପୃଷ୍ଠାରେ)

## ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଉପରକୁ ଗୁଳିମାଡ଼, ଅନେକ ଆହତ

ମୁମ୍ବାଇ, ୧୮ ।୧୦ : ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଉପରେ ଗୁଳିମାଡ଼ ହୋଇଛି। ମୁମ୍ବାଇର ଜୁହୁସ୍ଥିତ ପୁଷ୍ପା ପାର୍କରେ ଦୁର୍ବୃତ୍ତମାନେ ଏହି ଗୁଳିମାଡ଼ କରିଛନ୍ତି। ପ୍ରାଥମିକ ରିପୋର୍ଟ ଅନୁସାରେ ୩ଜଣ ବାଇକ୍ ଆରୋହୀ ଦୁର୍ବୃତ୍ତ ଟାଇଗର ଶ୍ରଫଙ୍କ ଉପରକୁ ଅତି ନିକଟରୁ ଗୁଳିମାଡ଼ କରିଥିଲେ। ପୁଲିସ କହିଛି ଯେ, ସୂଚନା ମିଳିବା ପରେ ଆମେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲୁ। ଗୁଳିମାଡ଼ର ପଛର କାରଣ ଜଣାପଡ଼ି ନାହିଁ। ପୁଲିସ ଟିମ୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଛାନ୍ଭିନ୍ ଜାରି ରଖିଛି। ଅଭିନେତା ଟାଇଗର ଶ୍ରଫ୍ ସୁସ୍ଥ ଅଛନ୍ତି। ପୁଲିସ ମାମଲାର ତଦନ୍ତ ଜାରି ରହିଛି। ଟାଇଗର ଶ୍ରଫ୍‌ଙ୍କ ଉପରେ ହୋଇଥିବା ଗୁଳିମାଡ଼ ପାଇଁ ବିଦେଶରେ ବସିଥିବା ଗ୍ୟାଙ୍ଗଷ୍ଟର ଅନିଲ ପଣ୍ଡିତ ଏବଂ ହରମନ ସନ୍ଧୁ ନିଜକୁ ଦାୟୀ କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ସେମାନେ ଏହି ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତକୁ ଧରିବା ପାଇଁ ମୁମ୍ବାଇ ପୁଲିସ ୧୨ଟି ଟିମ୍ ଗଠନ କରିଛି। ସୂଚନାଯୋଗ୍ୟ, ଟାଇଗର ଶ୍ରଫଙ୍କ ଉପରକୁ ଗୁଳିମାଡ଼ ଘଟଣା ଆଜି ସନ୍ଧ୍ୟାରେ ଘଟିଛି। କିନ୍ତୁ ଏହା ପୂର୍ବରୁ ତାଙ୍କୁ ହତ୍ୟା ପାଇଁ ମଧ୍ୟ ଧମକ ମିଳିଥିଲା।

## କୋଲକାତା ଦୁର୍ଗାପୂଜା ମଣ୍ଡପରେ ଦଳାଚକଟା ଘଟଣା : ୭ ଗିରଫ

କୋଲକାତା, ୧୮ ।୧୦ : କୋଲକାତାରେ ଶନିବାର ଚୋରବାଗାନ ସାର୍ବଜନୀନ ଦୁର୍ଗାପୂଜା ପେଣ୍ଡାଲରେ ଦଳଚକଟାରେ ୧୯ ଜଣଙ୍କ ମୃତ୍ୟୁ ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଉଛନ୍ତି, ଚୋରବାଗାନ ଦୁର୍ଗା ପୂଜା କମିଟି ସଂପାଦକ ରାଜ କୁମାର ସେୱଦା, ଉପ-ସଭାପତି ଶାନ୍ତନୁ ଦୁବେ, ବାଉଁଶର ଢାଞ୍ଚା ନିର୍ମାଣ କରିଥିବା ବିପ୍ଳବ ମୁଖାର୍ଜୀ, ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ଥିବା କୌଶିକ ସାହା ଓ ପିଣ୍ଟୁ ଦୁବେ ଏବଂ ଘରୋଇ ସୁରକ୍ଷା କର୍ମଚାରୀ ସୁମନ ଚକ୍ରବର୍ତ୍ତୀ ଓ ରାଜେଶ ପଲ।

ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି ଯେ ଲାଉଡ୍‌ସ୍ପିକରରେ ( ୯ ପୃଷ୍ଠାରେ)








# ଜଗଧାତ୍ରୀ ମା' ଦୁର୍ଗା



ଭାରତରେ ପାଳନ ହୋଇଥାଏ ବାରମାସରେ ତେରପର୍ବ । ପ୍ରତିଟି ମାସରେ ପଡୁଥିବା ପର୍ବ ଭିତରେ ଆଶ୍ୱିନ ମାସରେ ପୂଜା ପାଇଥାଆନ୍ତି ଜଗଧାତ୍ରୀ ମାଆ ଦୁର୍ଗା । ଏହି ସମୟରେ ମାଆ ଧରାପୃଷ୍ଠରେ ଆବିର୍ଭାବ ହୋଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି । ଏହି ପର୍ବ ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅନୁସାରେ ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ । ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟୀତା ହେଲେ । ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ,ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ । ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ଶୂଳଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ, ଖଡ୍ଗଦ୍ୱାରା ଶିରଚ୍ଛେଦ କଲେ । ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ତ୍ରେତୟା ଯୁଗରେ ରାବଣକୁ ପରାସ୍ତ କରିବା ନିମନ୍ତେ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ । ନବମୀର ପରବର୍ତ୍ତୀ ଦିନ ବିଜୟଉତ୍ସବ ବା ବିଜୟାଦଶମୀ ପାଳିତ ହୁଏ,ଏହା ଦେବତାମାନଙ୍କଦ୍ୱାରା ମା ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ, ଯାହା ଦଶହରା ନାମରେ ନାମିତ । ଏହି ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଏହି ସମୟରେ ଓଡ଼ିଶା, କୋଲକାତା ସହିତ ଅନ୍ୟ ରାଜ୍ୟ ଗୁଡ଼ିକରେ ମାଆ ଦୁର୍ଗାଙ୍କର ପୂଜା ସହ ରାବଣ ପୋଡିର ଆୟୋଜନ ହୋଇଥାଏ ।

ଦେବୀପୀଠଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ । ଏହାକୁ ଷୋଳପୂଜା କୁହାଯାଏ । ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପିତ ହୁଏ । ଅଷ୍ଟମୀଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ । ନବମୀ ଦିନ ରକ୍ତମୁଖୀ ଦେବୀଙ୍କୁ ଶାନ୍ତ କରିବା ପାଇଁ ଶାନ୍ତି ବୋଦା ପଡେ । ଦଶମୀ ଦିନ ମହା ସମାରୋହରେ ମୃଣ୍ମୟୀ ଦେବୀ ପ୍ରତିମା ଓ ଘଟ ବିସର୍ଜନ କରାଯାଏ । ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର କ୍ରୋଧାନ୍ୱିତା ଶକ୍ତି 'ଗୋସାଣୀ ଯାତ' ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ । ଶାରଦୀୟ ଦୁର୍ଗାପୂଜାରେ ମହାସ୍ନାନ ବଳି ଏବଂ ହୋମର ବ୍ୟବସ୍ଥା ଥିବାରୁ ଏହାକୁ 'ମହାପୂଜା' ମଧ୍ୟ କୁହାଯାଏ । ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରିବାର ବିଧି ରହିଛି । ଭାଦ୍ରବ ମାସ ଶୁକ୍ଳ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦ୍ଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ । କିଛି ସ୍ଥାନରେ ଏହି ସମୟରେ କୁମାରୀ ପୂଜାର ବିଧି ମଧ୍ୟ ରହିଛି ।



# ଫ୍ୟାଶନରେ ମହାକାଶ ସୁଟ୍



ଅଭିନେତା ତଥା ଉଦ୍ୟୋଗୀ କୁନାଲ କପୁର ଭାରତର ମହାକାଶର ବିଭିନ୍ନ କଥାକୁ ଫ୍ୟାଶନ୍ ଦୁନିଆରେ ପହଞ୍ଚାଇବା ପାଇଁ 'ଏ ୪୭ ମର୍କ ' ସହ ମିଳିତ ଭାବେ 'ଇସ୍ରୋ' ପ୍ରେରିତ ୬ଟି ବମ୍ବର୍ ଜ୍ୟାକେଟ୍ ଡିଜାଇନ୍ ଉନ୍ମୋଚନ କରିଛନ୍ତି । ଯେଉଁଥିରୁ ପ୍ରଶଂସକଙ୍କ ଭୋଟ୍ ଆଧାରରେ ଶ୍ରେଷ୍ଠ ୩ଟି ଡିଜାଇନ୍‌କୁ ଉତ୍ପାଦନ ପାଇଁ ଚୟନ କରାଯିବ । ଦେଶର ବୈଜ୍ଞାନିକ ତଥା ମହାକାଶର ବିଭିନ୍ନ କଥାକୁ କେବଳ ପାଠ୍ୟକ୍ରମରେ ସୀମିତ ନରଖି ଦୈନନ୍ଦିନ ପପ୍-କଲଚର ଓ ଫ୍ୟାଶନ୍‌ର ଅଂଶବିଶେଷ କରିବା ଲକ୍ଷ୍ୟରେ ଏଭଳି କରାଯାଇଛି । ସେ ସୋସିଆଲ୍ ମିଡିଆ 'ଏକ୍ସ' ରେ ଏହି ଜ୍ୟାକେଟ୍ ଗୁଡ଼ିକର ଫଟୋ ଶେୟାର କରି ନିଜ ଅନୁଗାମୀଙ୍କୁ ପସନ୍ଦର ଡିଜାଇନ୍ ବାଛିବାକୁ ଆହ୍ୱାନ ଦେଇଛନ୍ତି । ଏହି ସଂଗ୍ରହରେ 'ଇସ୍ରୋ ବେଜ୍ ଗଗନଯାନ ଜ୍ୟାକେଟ୍', 'ବ୍ଲୁପ୍ରିଣ୍ଟ ଗ୍ରେ', 'ବ୍ଲୁପ୍ରିଣ୍ଟ ନେଭି ବ୍ଲୁ', 'ଇସ୍ରୋ ବମ୍ବର୍', 'ଇସ୍ରୋ ଲାଇଟ୍' ଏବଂ 'ଇସ୍ରୋ ସ୍ପୋର୍ଟସ ଷ୍ଟାଇଲ୍ ନେଭି ବ୍ଲୁ' ଭଳି ଆଧୁନିକ ଷ୍ଟ୍ରିଟୱେୟାର ଶୈଳୀର ବିଭିନ୍ନ ବିକଳ୍ପ ରହିଛି । ଆମଦାନୀ ଓ ବ୍ୟବସାୟିକ ପ୍ରସ୍ତୁତି ପୂର୍ବରୁ ସାଧାରଣ ଲୋକଙ୍କୁ ନିଷ୍ପତ୍ତି ପ୍ରକ୍ରିୟାରେ ସାମିଲ କରିବାର ଏହି ଅଭିନବ ପ୍ରୟାସ ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଏକ ନୂତନ ଦିଗ ଲୋକଙ୍କ ପାଖରେ ପହଞ୍ଚାଇଛି ।

## ଇତିହାସ

୧୮୭୦- ପ୍ରସିଦ୍ଧ ମହିଳା କ୍ରାନ୍ତିକାରୀ ମାତଙ୍ଗିନୀ ହଜାରାଙ୍କ ଜନ୍ମ ।

୧୮୮୭- ସ୍ୱତନ୍ତ୍ରତା ସେନାନୀ ସାରଙ୍ଗଧର ଦାସଙ୍କ ଜନ୍ମ ।

୧୯୨୯- ଗାନ୍ଧିବାଦୀ ବିଚାରଧାରା ସହ ଜଡ଼ିତ ଥିବା ପ୍ରସିଦ୍ଧ ମହିଳା ସାମାଜିକ କାର୍ଯ୍ୟକର୍ତ୍ତା ନିର୍ମଳା ଦେଶପାଣ୍ଡେଙ୍କ ଜନ୍ମ ।

୧୯୫୦- କଲିକତାରେ ମଦର ଟେରେସା ମିସିଓନାରିଜ୍ ଅଫ୍ ଚାରିଟିର ସ୍ଥାପନା କଲେ ।

୧୯୭୦- ଭାରତରେ ନିର୍ମିତ ପ୍ରଥମ ମିଗ୍ ୨୧ ବିମାନକୁ ଭାରତୀୟ ବାୟୁସେନାରେ ସାମିଲ କରାଗଲା ।

୧୯୮୩- ଭାରତୀୟ ମୂଳ ଆମେରିକୀୟ ନାଗରିକ ଡାକ୍ତର ଏସ୍. ଚନ୍ଦ୍ରଶେଖରଙ୍କୁ ଭୌତିକ ବିଜ୍ଞାନରେ ନୋବେଲ ପୁରସ୍କାର ଦିଆଗଲା ।

୨୦୦୮- ଅଟୋମୋବାଇଲ୍ ବଜାରରେ ମାନ୍ଦାବସ୍ଥା କାରଣରୁ ଟାଟା ମୋଟର୍ସ ୩୦୦ ଅସ୍ଥାୟୀ କର୍ମଚାରୀଙ୍କୁ ପଦଚ୍ୟୁତ କଲା ।

# ଫିକା ପଡ଼ିନି କ୍ରେଜ୍

ଅଭିନୟର ଏତେବର୍ଷ ପରେ ମଧ୍ୟ ସାଉଥ ସୁପରଷ୍ଟାର ରଜନୀକାନ୍ତଙ୍କ କ୍ରେଜ ଫିକା ପଡିନାହିଁ । ଏବେ ମଧ୍ୟ ତାଙ୍କ ଫିଲ୍ମକୁ ଦର୍ଶକ ଅହେତୁକ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । ନିକଟରେ ଆକ୍ସନ୍ ଡ୍ରାମା ଚଳଚ୍ଚିତ୍ର 'ଜେଲର ୨' ରିଲିଜ ହେବାପରେ ବକ୍ସ ଅଫିସରେ ରେକର୍ଡସୃଷ୍ଟିକାରୀ ଶୁଭାରମ୍ଭ କରିଛି । ନେଲସନ୍ ଦିଲୀପକୁମାରଙ୍କ ନିର୍ଦ୍ଦେଶିତ ୨୦୨୩ର ବ୍ଲକବଷ୍ଟର ଫିଲ୍ମ 'ଜେଲର'ର ଏହି ସିକ୍ୱେଲ୍‌ଟି ଅକ୍ଟୋବର ୧୫ରେ ରିଲିଜ୍ ହୋଇ ପ୍ରଥମ ଦିନରେ ହିଁ ଭାରତରେ ୧୬,୫୯୯ଟି ଶୋ'ରୁ ୫୯.୭୦ କୋଟି ଏବଂ ବିଦେଶରୁ ୫୫ କୋଟି ସହ ସମଗ୍ର ବିଶ୍ୱରେ ମୋଟ ୧୨୫.୨୫ କୋଟି ଟଙ୍କାର ଆୟ କରିଛି । ଏହି ପ୍ରଦର୍ଶନ ସହ 'ଜେଲର ୨' ଏହି ବର୍ଷ ଜାନୁଆରୀରେ ରିଲିଜ୍ ହୋଇଥିବା 'ଧୁରନ୍ଧର ୨'ର ଆୟ ଏବଂ ରଣବୀର କପୁରଙ୍କ 'ଆନିମଲ୍'ର ରେକର୍ଡକୁ ପଛରେ ପକାଇ ଦେଇଛି । ଏହି କାହାଣୀରେ ଅବସରପ୍ରାପ୍ତ ଜେଲର 'ଟାଇଗର ମୁଥୁଭେଲ ପାଣ୍ଡିଆନ୍' (ରଜନୀକାନ୍ତ) ଅଣ୍ଡରୱାର୍ଲ୍ଡର ଏକ ନୂଆ ଚାଲେଞ୍ଜର ସାମ୍ନା କରି ନିଜ ପରିବାର ଓ ପରମ୍ପରାକୁ ବଞ୍ଚାଇବା ପାଇଁ ପୁଣି ଥରେ ପୁରୁଣା ଆକସନ ରୂପକୁ ଫେରିଛନ୍ତି । ଯେଉଁଥିରେ ସୁପରଷ୍ଟାର ମୋହନଲାଲ୍ ଏବଂ ବିଦ୍ୟା ବାଲାନ୍ ମଧ୍ୟ ପ୍ରମୁଖ ଭୂମିକାରେ ନଜର ଆସିଛନ୍ତି ।



# ବନ୍ଧାକୋବି ସିଙ୍ଗଡା

**ସାମଗ୍ରୀ-** ବନ୍ଧାକୋବି, ମଇଦା- ୨୫୦ ଗ୍ରାମ, ଭିନେଗାର ୧ ଚାମଚ, ଚିନି ଏକ ଚାମଚ, ଲଙ୍କାଗୁଣ୍ଡ, ଗରମ ମସଲା ଗୁଣ୍ଡ, ତେଲ, ଲୁଣ ।

**ପ୍ରଣାଳୀ-** ବନ୍ଧାକୋବିକୁ ଧୋଇ ଚୁନାଚୁନା କରି କାଟି ଦିଅନ୍ତୁ । କରେଇରେ ତେଲ ଦେଇ ବନ୍ଧାକୋବି ଓ ଲୁଣ ପକାନ୍ତୁ , ଢାଙ୍କୁଣିଦେଇ ଘୋଡାଇ ଦିଅନ୍ତୁ । କୋବି ଦରସିଝା ହୋଇଗଲେ ସେଥିରେ ଭିନେଗାର, ଗରମ ମସଲା ଓ ଚିନି ପକାଇ ଭଲଭାବରେ ସିଝାଇ ଦିଅନ୍ତୁ । ମଇଦାରୁ ସିଙ୍ଗଡା ଖୋଳ କରି ସେଥିରେ କୋବି ପୁର ଦେଇ ସିଙ୍ଗଡା ଛାଣି ଦିଅନ୍ତୁ, ପ୍ରସ୍ତୁତ ହୋଇଯିବ ବନ୍ଧାକୋବି ସିଙ୍ଗଡା ।



# କୁକୁର ବୁଲାଇବା ପାଇଁ କଡା ନିୟମ



ଚୀନର ହାଙ୍ଗଝୋଉ ସହରରେ କୁକୁର ବୁଲାଇବା ନେଇ କଡ଼ା ନିୟମ ଲାଗୁ କରାଯାଇଛି । ଯେଉଁଥିରେ ଛୋଟ କୁକୁରମାନଙ୍କୁ କେବଳ ସନ୍ଧ୍ୟା ୭ଟା ପରେ ବାହାରକୁ ବୁଲାଇବାକୁ ଅନୁମତି ଥିବାବେଳେ ବଡ଼ କୁକୁରଙ୍କୁ ବାହାରେ ବୁଲାଇବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଏହି ନିୟମ ଲଙ୍ଘନ କଲେ ୨,୫୦୦ ରୁ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ବାରମ୍ବାର ଉଲ୍ଲଂଘନ କଲେ କୁକୁରର ପଞ୍ଜୀକରଣ ରଦ୍ଦ ହୋଇପାରେ । ଦିନବେଳେ କୁକୁରକୁ ଡାକ୍ତରଖାନାକୁ ନେବା ସମୟରେ ମାଲିକମାନଙ୍କୁ ପଞ୍ଜୀକରଣ ଓ ଟିକାକରଣ ପ୍ରମାଣପତ୍ର ସାଙ୍ଗରେ ରଖିବାକୁ ପଡ଼ିବ । ଏହାସହ କୁକୁରକୁ ଲେସ୍ ବାନ୍ଧିବା ସହ ସେମାନଙ୍କ ମଇଳାକୁ ତୁରନ୍ତ ସଫା କରିବାକୁ ବାଧ୍ୟତାମୂଳକ କରାଯାଇଛି । ୧୯୯୬ ମସିହାରୁ ରହିଥିବା ଏବଂ ୨୦୦୪ରେ ସଂଶୋଧିତ ହୋଇଥିବା ଏହି ନିୟମଗୁଡ଼ିକର କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନକୁ ନେଇ ସୋସିଆଲ ମିଡିଆରେ ମିଶ୍ରପ୍ରତିକ୍ରିୟା ଦେଖାଦେଇଛି । ଯେଉଁଥିରେ କିଛି ଲୋକ ସ୍ୱଚ୍ଛତା ଓ ଜନସୁରକ୍ଷା ପାଇଁ ଏହାକୁ ସମର୍ଥନ କରୁଥିବାବେଳେ ଅନ୍ୟମାନେ ଦିନବେଳେ ବୁଲାଇବା ବାରଣକୁ ଅନ୍ୟାୟ ବୋଲି ଦର୍ଶାଇଛନ୍ତି ।

## ସୋସିଆଲ କୋଟ୍ସ



ବେଳେବେଳେ ସିଙ୍ଗଲ ମଦର ହେବା ଆମକୁ କଷ୍ଟ ଦେଇଥାଏ । ଜୀବନରେ ଉଦାସୀନତା ଭରିଥାଏ । ହେଲେ ଏହାପରେ ଶକ୍ତି ସଞ୍ଚୟ କରି ଆମକୁ ସମସ୍ତ କଥା ସମ୍ଭାଳିବାକୁ ପଡିଥାଏ ।

**ଚାରୁ ଅସୋପା, ଅଭିନେତ୍ରୀ**



ମୋ ପାଇଁ ଆରିଅନ ଜନ୍ମ ସମୟରେ ଗୌରୀ ବେଶି ଗୁରୁତ୍ୱ ପୂର୍ଣ୍ଣ ଥିଲେ । ସେତେବେଳେ ମୁଁ ଆରିଅନଙ୍କ ବଦଳରେ ଗୌରୀଙ୍କୁ ଚୟନ କରିଥିଲି । ହେଲେ ଉଭୟ ମା' ଓ ପିଲା ସୁସ୍ଥ ହୋଇଯାଇଥିଲେ ।

**ଶାହରୁଖ ଖାନ, ଅଭିନେତା**



ଓଟିଟିରେ ଏଭଳି କଣ୍ଟେଟ ଅଛି ଯାହା ଅଶ୍ଳୀଳତାରେ ଭରପୂର । ଏହାକୁ ଫ୍ୟାମିଲି ସହ ବସି ଦେଖିହେବ ନାହିଁ । ଲୋକଙ୍କୁ କେବଳ କ୍ଲିନ୍ ଫିଲ୍ମ ଦେଖିବାର ଅଛି, ଯାହାକୁ ସେମାନେ ପରିବାର ସହ ବସି ଦେଖିପାରିବେ ।

**ଅମିଷା ପଟେଲ, ଅଭିନେତ୍ରୀ**



ମେଷ - ଦ୍ରବ୍ୟ ଲାଭ, ଶରୀର ସୁସ୍ଥ, ଗୃହେ ଆଲୋଚନା, ବିଦ୍ୟାରେ ସଫଳତା, ପାରିବାରିକ ସୁଖ, ନୂତନ ନିଯୁକ୍ତି, ବନ୍ଧୁ ସାହାଯ୍ୟ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଧଳା, ସଂଖ୍ୟା - ୮, ଆରାଧନା - ମା' ଭଗବତୀ ।

ବୃଷ - ବନ୍ଧୁ ସହଯୋଗ, ନୂତନ ଆୟ, ମାନସିକ ଶାନ୍ତି, କର୍ମକ୍ଷେତ୍ରେ ପରିଶ୍ରମ, ଅନୁଷ୍ଠାନରୁ ଲାଭ, ଶତ୍ରୁ ସମସ୍ୟା, ବିଦେଶ ଭ୍ରମଣ ଯୋଗ, ସମ୍ପତ୍ତି ଲାଭ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା- ୭ , ଆରାଧନା- ଭଗବାନ ବିଷ୍ଣୁ ।

ମିଥୁନ - ହେବାକାର୍ଯ୍ୟ ବିଳମ୍ବ, ବ୍ୟବସାୟରେ ଶତ୍ରୁ ବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁ ଲାଭ, ଗୁରୁଜନ ଆଶୀର୍ବାଦ, ଅର୍ଥ ଚିନ୍ତା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ, ସଂଖ୍ୟା- ୬ ଆରାଧନା- ପ୍ରଭୁ ହନୁମାନ ।

କର୍କଟ - ଶାରୀରିକ ଅସୁସ୍ଥ, ହଠାତ୍ ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁ ସାହାଯ୍ୟ, କର୍ମକ୍ଷେତ୍ର ସ୍ଥାନାନ୍ତର, ପଦବୀ ଲାଭ, ବିଶିଷ୍ଟ କାର୍ଯ୍ୟ ଧନବ୍ୟୟ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୫ ଆରାଧନା- ମା' ଗୌରୀ ।

ସିଂହ - ନୂତନ କର୍ମ ଆରମ୍ଭ, ବ୍ୟବସାୟରେ ଉନ୍ନତି, ପାରିବାରିକ ସୁଖ, ଅଯଥା ଖର୍ଚ୍ଚ, ଲୋକ ସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ସମ୍ପତ୍ତି ଲାଭ, କର୍ମକ୍ଷେତ୍ର ସହଯୋଗ, ପୂର୍ବାଫାଲ୍ଗୁନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା - ୮, ଆରାଧନା- ମା' ମଙ୍ଗଳା ।

କନ୍ୟା - ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସାହାଯ୍ୟ, ନୂତନ ବନ୍ଧୁ ଲାଭ, ମାନସିକ ଶାନ୍ତି, ଯାତ୍ରା ସଫଳ, କିଛି କ୍ରୟ ବିକ୍ରୟ, ଅନୁଷ୍ଠାନରୁ ଲାଭ, ଶତ୍ରୁ ସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା - ୬, ଆରାଧନା- ପ୍ରଭୁ ହନୁମାନ ।

ତୁଳା - ଶୁଭଖବର, କର୍ମକ୍ଷେତ୍ର ସମସ୍ୟା, ଦାମ୍ପତ୍ୟ ସୁଖ, ଅନୁଷ୍ଠାନରୁ ଲାଭ, ସମ୍ମାନ ପ୍ରାପ୍ତି, ଦ୍ରବ୍ୟ ଲାଭ, ବନ୍ଧୁ ସାହାଯ୍ୟ, ଅର୍ଥ ଲାଭ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା - ୯ ଆରାଧନା - ଶଙ୍କର ଭଗବାନ ।

ବିଛା - ବ୍ୟୟବୃଦ୍ଧି, ମାନସିକ ଅଶାନ୍ତି, ବ୍ୟବସାୟିକ କ୍ଷତି, ସନ୍ତାନ ଲାଭ, ମେଡିକାଲ ସମସ୍ୟା, ଲୋକସମ୍ପର୍କରେ ଉନ୍ନତି, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା - ୭, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ - ଯାତ୍ରା ଶୁଭ, ଦ୍ରବ୍ୟ ଲାଭ, ସମ୍ମାନ ପ୍ରାପ୍ତି, ଅର୍ଥ ଲାଭ, ଦୂରଯାତ୍ରାରେ କଷ୍ଟ, ବ୍ୟବସାୟରେ ଲାଭ, ଉତ୍ତମ ବ୍ୟକ୍ତି ସାହାଯ୍ୟ, ଦେବକାର୍ଯ୍ୟରେ ସଫଳ, ସ୍ୱାସ୍ଥ୍ୟ ସୁଧାର, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦିଆ, ସଂଖ୍ୟା - ୧୦ ଆରାଧନା- ମହାଲକ୍ଷ୍ମୀ ।

ମକର - ସମ୍ମାନ ଲାଭ, ବନ୍ଧୁ ସାହାଯ୍ୟ, ପାରିବାରିକ ସୁଖ, ଅର୍ଥ ଲାଭ, ଦେବକାର୍ଯ୍ୟ ସଫଳ, ଉତ୍ସବକୁ ନେଇ ଦୂରଯାତ୍ରା, ଶତ୍ରୁ ପରାଜିତ, ମାନସିକ ଶାନ୍ତି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା - ୮, ଆରାଧନା- ମା' ମାଣିକେଶ୍ୱରୀ ।

କୁମ୍ଭ - ଶୁଭଖବର, ଦ୍ରବ୍ୟ ଲାଭ, ସମ୍ପତ୍ତି ସୁଖ, ଶୁଭ ଆଲୋଚନା, ବନ୍ଧୁ ଲାଭ, ପାରିବାରିକ ଶାନ୍ତି, ଦୂରଯାତ୍ରା ସଫଳ, ସ୍ୱାସ୍ଥ୍ୟ ଲାଭ, ଲୋକସମ୍ପର୍କରେ ଉନ୍ନତି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୦ ଆରାଧନା- ମା' ଦକ୍ଷିଣକାଳୀ ।

ମୀନ - ଶାରୀରିକ କଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ଯାତ୍ରାରେ ସତର୍କ, ବନ୍ଧୁ ସହଯୋଗ, ପାରିବାରିକ ବିବାଦ, ତିର୍ଥାଟନ, ଦେବଦର୍ଶନ, ଦ୍ରବ୍ୟ ନଷ୍ଟ, ଶତ୍ରୁ କଷ୍ଟ, ଲୋକସମ୍ପର୍କରେ ଉନ୍ନତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା - ୫ ଆରାଧନା- ମା' ଗୌରୀ ।

**ଆଶ୍ୱିନ ଶୁକ୍ଳ ପକ୍ଷ ଅଷ୍ଟମୀ**
**୧୯.୧୦.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮


ବରଗଡ


ବରମୁଣ୍ଡା


ଝାରପଡା

## ଦୁର୍ଗାପୂଜା ମଣ୍ଡପରେ ତିରୁପତି ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର (ସବ୍ୟୁ): ପବିତ୍ର ଦୁର୍ଗାପୂଜା ଅବସରରେ ବାସୁଦେବ ଗ୍ରାମ୍ୟ ଉନ୍ନୟନ ସମିତି, ପାଣ୍ଡରା ତରଫରୁ ମାଆ ଦୁଲ୍ଲାଦେଇଙ୍କର ଷୋଡଶ ଉପଚାର ପୂଜା ମହାସମାରୋହରେ ପାଳିତ ହେଉଥିବା ସମୟରେ ସମିତି ତରଫରୁ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧକ୍ଷ ଡ଼କ୍ଟର ତୁରୁପତି ପାଣିଗ୍ରାହୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ବାସୁଦେବ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ଉପସଭାପତି ଦୁର୍ଯ୍ୟୋଧନ ବେହେରା, ସମ୍ପାଦକ ସୁକାନ୍ତ କୋଦାଳ ବରିଷ୍ଠ ସଭ୍ୟ ଶୁକଦେବ ବେହେରା,, କୋଷାଧକ୍ଷ ଶିବଚରଣ ବେହେରା , ସମାଜସେବୀ କଳ୍ପନା ଜେନା ପୁଷ୍ପଗୁଚ୍ଛ , ଉତ୍ତରୀୟ ଦେଇ ସମ୍ମାନିତ କରିଥିବାବେଳେ ଡ଼କ୍ଟର ପାଣିଗ୍ରାହୀ ଆଗାମୀ ଦିନରେ ଅନୁଷ୍ଠାନକୁ ସାହାଯ୍ୟ ସହଯୋଗ ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

## ଦୈତନଗରୀରେ ଦୁର୍ଗାପୂଜା : ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଡିଜିପିଙ୍କ ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର, (ସବ୍ୟୁ) : ପଶ୍ଚିମବଙ୍ଗରେ ଅଘଟଣ ଘଟିବା ପରେ ଓଡିଶାରେ ସତର୍କତା ଅବଲମ୍ବନ କରାଯାଇଛି । ଦୈତନଗରୀ ଦୁର୍ଗାପୂଜାରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଡିଜିପି ବିନୟତୋଷ ମିଶ୍ର ଭୁବନେଶ୍ୱର କ୍ୟାମ୍ପ ଅଫିସରେ ସ୍ୱତନ୍ତ୍ର ବୈଠକ କରିଥିଲେ । ବୈଠକରେ କମିଶନରରେଟ୍ ପୋଲିସର ବରିଷ୍ଠ ଅଧିକାରୀ ଓ ଓଡିଶା ପୋଲିସର ବହୁ ଅଫିସର ଯୋଗ ଦେଇଥିଲେ । ପ୍ରତି ପୂଜାମଣ୍ଡପ ପାଖରେ ସୁରକ୍ଷା ପାଇଁ ଅଧିକ ପୋଲିସ ଓ ଫୋର୍ସ ବ୍ୟବସ୍ଥା ସାଙ୍ଗକୁ ଅଗ୍ନିଶମ ବାହିନୀର କମାଣ୍ଡୋମାନେ ସଜାଗ ରହିବେ । ଯେପରି କୌଣସି ମଣ୍ଡପରେ ମାତ୍ରାଧିକ ଗହଳି ନହୁଏ ସେଥିପ୍ରତି ସତର୍କ ରହିବାକୁ ଡିଜିପି ପରାମର୍ଶ ଦେଇଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ହେଉଥିବା ମଣ୍ଡପ ଉପରେ ସଂଖ୍ୟାଧିକ ଲୋକ ଯେପରି ନଚଢିବେ ସେଥିପାଇଁ ପୋଲିସ ଜାଗ୍ରତ ରହିବାକୁ ଡିଜିପି କହିଛନ୍ତି । ବୈଠକରେ ଡିଜିପି ଅଧ୍ୟକ୍ଷତା କରିଥିବା ବେଳେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଦୈତନଗରୀର ବରିଷ୍ଠ ପୋଲିସ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହିଥିଲେ । ଡିଜିପିଙ୍କ ବୈଠକ ପରେ ସବୁ ପୂଜା କମିଟି ପାଖକୁ ପୋଲିସ ଯାଇ ସେମାନଙ୍କୁ ଗହଳି ସମ୍ପର୍କରେ ସତର୍କ କରାଇଛି । ଟ୍ରାଫିକ ପୋଲିସ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପରିମାଣର କର୍ମଚାରୀ ଯୋଗାଇ ଦିଆଯିବା ସହ ଟ୍ରାଫିକ ଡିସିପି ତପନ ମହାନ୍ତି ସବୁ ମଣ୍ଡପ ପାଖ ବୁଲି ଦେଖିବାକୁ ନିର୍ଦ୍ଦେଶ ହୋଇଛି ।

## ଏଲ୍ଆଇଜିଜି ହସ୍ପିଟାଲ ପକ୍ଷରୁ ମାଗଣା କର୍କଟ ରୋଗ ଚିହ୍ନଟ ଶିବିର

### ୧୧୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଚିକିତ୍ସା ପରାମର୍ଶ

କଟକ, (ସ୍ୱପ୍ର): ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଗାଇନାକୋଲୋଜି (ଏଲ୍ଆଇଜିଜି) ହସ୍ପିଟାଲ ପକ୍ଷରୁ ଏକ ମାଗଣା କର୍କଟ ରୋଗ ଚିହ୍ନଟ ଓ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରାୟ ୧୧୦ ଜଣ ରୋଗୀ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଚିକିତ୍ସା ପରାମର୍ଶର ସୁବିଧା ପାଇଥିଲେ । ଡାକ୍ତର ହରିଶ୍ଚନ୍ଦ୍ର ମିଶ୍ର ଏବଂ ଡାକ୍ତର ସଙ୍ଘମିତ୍ରା ଦାଶ ଶିବିରରେ ଯୋଗଦେଇ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ପରାମର୍ଶ ସହ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା, ରୋଗ ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ସହିତ ଲୋକଙ୍କୁ ସମୟୋଚିତ ଚିକିତ୍ସା ପାଇଁ



ଉତ୍ସାହିତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ହସପିଟାଲ ପକ୍ଷରୁ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଓ କର୍କଟ ରୋଗ ସମ୍ପର୍କିତ ସଚେତନତା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ପ୍ରତି ମାସର ଦ୍ୱିତୀୟ ରବିବାର ଆୟୋଜନ କରାଯାଉଛି । ଏହି ଅଭିଯାନ ମାଧ୍ୟମରେ ଅଧିକରୁ ଅଧିକ ଲୋକଙ୍କୁ ମାଗଣା କର୍କଟ ରୋଗ ଚିହ୍ନଟ ଓ ସ୍ୱାସ୍ଥ୍ୟ ପରାମର୍ଶର ସୁବିଧା ଯୋଗାଇ ଦେବାକୁ ହସ୍ପିଟାଲ ଓ ଲାଇଫ୍ ସେବା ଟ୍ରଷ୍ଟ ପକ୍ଷରୁ ପ୍ରୟାସ କରାଯାଉଛି । ଏଥିରେ ନଟବର ପଣ୍ଡା, ଅଧ୍ୟକ୍ଷ ତଥା ପରିଚାଳନା ଟ୍ରଷ୍ଟି, ନରୋତ୍ତମ ବଳ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଦିଗମ୍ବର ଜେନା ପ୍ରମୁଖଙ୍କ ସହିତ ଏଲ୍ଆଇଜିଜି ହସ୍ପିଟାଲର ସମସ୍ତ କର୍ମକର୍ତ୍ତାଙ୍କ ସହାୟତାରେ ସ୍ୱାସ୍ଥ୍ୟ ଶିବିରଟି ସଫଳତାର ସହିତ ସମ୍ପନ୍ନ ହୋଇଥିଲା ।

## ବେଦାନ୍ତ ଆଲୁମିନିୟମର ଭୋକମୁକ୍ତ ଭାରତ ଅଭିଯାନ

# ୫୪୦ରୁ ଅଧିକ କର୍ମଚାରୀଙ୍କ ଅଂଶଗ୍ରହଣ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ଭୋକମୁକ୍ତ ସମାଜ ଗଠନ ଓ ଶିଶୁଙ୍କ ପୁଷ୍ଟିହୀନତା ଦୂରୀକରଣ ଲକ୍ଷ୍ୟରେ ଆୟୋଜିତ ବେଦାନ୍ତ ଦିଲ୍ଲୀ ଅର୍ଦ୍ଧମାରାଥନ୍ (ଭିଡିଏଚ୍ଏମ୍) ୨୦୨୬ ପୂର୍ବରୁ ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ରନ୍ ଫର୍ ଜିରୋ ହଙ୍ଗ'ର୍ ଅଭିଯାନକୁ ବ୍ୟାପକ ସମର୍ଥନ ମିଳିଛି। ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଏହି କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ରେ ଥିବା ବିଭିନ୍ନ କାର୍ଯ୍ୟକ୍ଷେତ୍ରରୁ ୫୪୦ରୁ ଅଧିକ କର୍ମଚାରୀ ଏହି ଅଭିଯାନରେ ଅଂଶଗ୍ରହଣ କରିଛନ୍ତି। ଝାରସୁଗୁଡ଼ା, ବାଲ୍କୋ, ଲାଞ୍ଜିଗଡ଼ ଓ ଖଣି କାର୍ଯ୍ୟକ୍ଷେତ୍ରର କର୍ମଚାରୀମାନେ ପଦଯାତ୍ରା, ଜୁମ୍ବା ଓ ଶାରୀରିକ ସୁସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଅଭିଯାନକୁ ଆଗକୁ ବଢ଼ାଇଛନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତା ସହିତ ସମାଜରେ କୁପୋଷଣ ଦୂରୀକରଣ ପାଇଁ ସାମୂହିକ ଉଦ୍ୟମକୁ ଗୁରୁତ୍ୱ ଦିଆଯାଇଛି।

ଏହି ଅଭିଯାନର ମୂଳମନ୍ତ୍ର ହେଉଛି—'୧ କିଲୋମିଟର = ୧ ପୋଷଣ ପ୍ୟାକ୍ = ୧ ଜଣଙ୍କୁ



ଖାଦ୍ୟ ସହାୟତା'। ଏହି ଧାରଣା ଅନୁଯାୟୀ, ଶାରୀରିକ ବ୍ୟାୟାମ ଓ ଦୌଡ଼ ଭଳି କାର୍ଯ୍ୟକଳାପକୁ ଶିଶୁଙ୍କ ପୁଷ୍ଟିସାଧନ ସହ ଯୋଡ଼ାଯାଇଛି। ଅଭିଯାନରେ ଅତିକ୍ରାନ୍ତ ପ୍ରତ୍ୟେକ କିଲୋମିଟର ଅନିଲ ଅଗ୍ରୱାଲ ଫାଉଣ୍ଡେସନ ମାଧ୍ୟମରେ ପୁଷ୍ଟି ସହାୟତା ଯୋଗାଇବାରେ ସହାୟକ ହେଉଛି। ଏହା ବ୍ୟକ୍ତିଗତ ପ୍ରୟାସକୁ ସାମୂହିକ ସାମାଜିକ ଅବଦାନରେ ପରିଣତ କରିବା ସହ ସୁସ୍ଥ ଓ ପୁଷ୍ଟିସମ୍ପନ୍ନ ଭାରତ ଗଠନ ଦିଗରେ ପଦକ୍ଷେପ ନେଇଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁ ଯେ ଉତ୍ପାଦନ କାର୍ଯ୍ୟକଳାପରେ ଆମର ଦାୟିତ୍ୱ ସୀମିତ ନୁହେଁ; ସମାଜରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ମଧ୍ୟ ଆମର ଦାୟିତ୍ୱ। 'ରନ୍ ଫର୍ ଜିରୋ ହଙ୍ଗର ଅଭିଯାନ ଶାରୀରିକ ସୁସ୍ଥତା, ସମ୍ବେଦନଶୀଳତା ଓ ସାମୂହିକ ଦାୟିତ୍ୱବୋଧକୁ ଏକାଠି କରି ଶିଶୁ କୁପୋଷଣ ଭଳି ଦେଶର ଏକ ପ୍ରମୁଖ ଆହ୍ୱାନର ମୁକାବିଲା ପାଇଁ ଉଦ୍ୟମ କରୁଛି। ଆମର ବିଭିନ୍ନ କାର୍ଯ୍ୟକ୍ଷେତ୍ରର କର୍ମଚାରୀମାନେ ଏହି ଉଦ୍ଦେଶ୍ୟକୁ ଉତ୍ସାହର ସହ ଗ୍ରହଣ କରିଥିବା ଦେଖି ଆମେ ଆନନ୍ଦିତ। ସେମାନଙ୍କର ପ୍ରତ୍ୟେକ ପଦକ୍ଷେପ ସୁସ୍ଥ ସମାଜ ଗଠନ ଓ ଅଧିକ ସୁଦୃଢ଼ ତଥା ସମାବେଶୀ ଭାରତ ନିର୍ମାଣ ପାଇଁ ଆମର ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରୁଛି। କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଏହି ଅଭିଯାନ ପ୍ରତି କର୍ମଚାରୀଙ୍କ ଉତ୍ସାହ ସ୍ପଷ୍ଟ ହୋଇଛି। ଝାରସୁଗୁଡ଼ାରେ ୧୨୦ ଜଣ କର୍ମଚାରୀ ପଦଯାତ୍ରାରେ ସାମିଲ ହେବା ସହ ଜୁମ୍ବା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବାଲ୍‌କୋରେ ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ଏହି ଅଭିଯାନକୁ ସମର୍ଥନ କରିଥିଲେ। ସେହିପରି କମ୍ପାନୀର ଖଣି କାର୍ଯ୍ୟକ୍ଷେତ୍ରରେ ଜୁମ୍ବା ଓ ପଦଯାତ୍ରା ମାଧ୍ୟମରେ ୧୮୬ ଜଣ ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ରେ ଆୟୋଜିତ କ୍ଷୁଦ୍ର ମାରାଥନ୍ ଭିତିକ ଶାରୀରିକ ସୁସ୍ଥତା କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଲୋକ ସାମିଲ ହୋଇଥିବାବେଳେ ପଦଯାତ୍ରାରେ ୯୧ ଜଣ ଅଂଶଗ୍ରହଣ କରିଥିଲେ। ଏହି ସମସ୍ତ ପ୍ରୟାସ ବିଭିନ୍ନ ସ୍ଥାନ ଓ ବିଭାଗର କର୍ମଚାରୀଙ୍କୁ ଏକ ସାମାଜିକ ଉଦ୍ଦେଶ୍ୟରେ ଏକାଠି କରିଛି।

## ୧୯ ବର୍ଷରେ ରେଲୱେ ମାର୍କେଟ ଦୁର୍ଗାପୂଜା



ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱରର ରେଲୱେ ମାର୍କେଟ ସାର୍ବଜନୀନ ଦୁର୍ଗାପୂଜା ୧୯ ବର୍ଷରେ ପହଞ୍ଚିଛି । ପୂର୍ବତଟ ରେଲୱେ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଏହି ପୂଜା ଉତ୍ସବ ଅନୁଷ୍ଠିତ ହେଉଛି । ପୂଜା ପାଇଁ ଆଦିମାତା କଲୋନୀ ଓ ଶକ୍ତିବିହାର ବାସିନ୍ଦାମାନଙ୍କ ଭୂମିକା କିଛି କମ୍ ନୁହେଁ ବୋଲି ସଭାପତି କୃଷ୍ଣଚନ୍ଦ୍ର ଭଞ୍ଜଦେଓ କହିଛନ୍ତି । ପ୍ରତିବର୍ଷ ଭଳି ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ମା'ଙ୍କ ଦର୍ଶନ ପାଇଁ । ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ଓ କୁନିକୁନି ପିଲାମାନଙ୍କ କଣ୍ଠଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ପ୍ରବୀଣ କୁମାର ମହାପାତ୍ର କହିଛନ୍ତି । ପୂଜା କମିଟିର କର୍ମକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମରେ କମ୍ ଦିନ ମଧ୍ୟରେ ମା'ଙ୍କ ପୂଜା ପାଇଁ ସବୁ ବ୍ୟବସ୍ଥା ସୁରୁଖୁରୁରେ ହୋଇଛି । ପ୍ରତିବର୍ଷ ଭଳି ବିସର୍ଜନ ପାଇଁ କୌଣସି କମିଟି ସହ ରେଲୱେ ପୂଜା ସାମିଲ ନହୋଇ ସ୍ୱତନ୍ତ୍ର ଭାବେ ନିଜ ଉଦ୍ୟମରେ ବିସର୍ଜନ କାର୍ଯ୍ୟକ୍ରମ କରାଯିବ ବୋଲି କର୍ମକର୍ତ୍ତା କହିଛନ୍ତି ।

### ପଟିଆରେ ଭକ୍ତିମୟ ପରିବେଶରେ ସତସଙ୍ଗ ଆୟୋଜିତ

## ଇଷ୍ଟ ପ୍ରତିଷ୍ଠା ଓ ଆଦର୍ଶ ଜୀବନ ଗଠନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ଗତ ୧୭ ତାରିଖରେ ଭୁବନେଶ୍ୱରର ପଟିଆସ୍ଥିତ ସତସଙ୍ଗର ସହ-ପ୍ରତି-ଋତ୍ୱିକ କୃପାନିଧି ବିଶ୍ୱାଳଙ୍କ



ବାସଭବନରେ ଏକ ସତସଙ୍ଗ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶରେ ଆୟୋଜିତ ହୋଇଥିଲା । ସତସଙ୍ଗର ବରିଷ୍ଠ କର୍ମୀ ଡକ୍ଟର ହୃଷୀକେଶ ସେନାପତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଠାକୁରଙ୍କ ଆଦର୍ଶକୁ ଦୈନନ୍ଦିନ ଜୀବନରେ ଆଚରଣ କରିବା, ଇଷ୍ଟଙ୍କ ପ୍ରତି ନିଷ୍ଠା ବଜାୟ ରଖିବା ଏବଂ ସେବା, ସଦାଚାର ଓ ମାନବିକତା ମାଧ୍ୟମରେ ଜୀବନକୁ ଆଦର୍ଶମୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଡକ୍ଟର ଅଭୟ କୁମାର ପରିଡ଼ା, ଅଲେଖ କୁମାର ଚକ୍ର, କୁମୁଦ ଚନ୍ଦ୍ର ପ୍ରଧାନ, ଦୁଃଶାସନ ଜେନା, ଦେବେନ୍ଦ୍ରନାଥ ଦଳେଇ, ଲକ୍ଷ୍ମୀଧର ନାୟକ ପ୍ରମୁଖ ସଦସ୍ୟମାନେ ଯୋଗଦେଇଥିଲେ । ଏହି ଅବସରରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ସଦସ୍ୟ ଗୋଲକ ମହାପାତ୍ର, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା, ବିଜୟ କୁମାର ପ୍ରଧାନ, ମାତା ଯୋଗମାୟା ଏବଂ ବଡ଼ମ୍ବାର ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ସତସଙ୍ଗରେ ଦୁଇଜଣ ନୂତନ ବ୍ୟକ୍ତି ସତ୍‌ନାମ ଗ୍ରହଣ କରିଥିଲେଛ ପ୍ରସାଦ ବିତରଣରେ ଦୀନବନ୍ଧୁ ବିଶ୍ୱାଳ, ମୀନତି ଭୋଇ, ସଂଯୁକ୍ତା ମହାନ୍ତି, ପ୍ରଣତି ବିଶ୍ୱାଳ, ନୀରଜ ପ୍ରଭା ଚୌଧୁରୀ, ପ୍ରଫୁଲ୍ଲ କୁମାର ଭୋଇ, ଶ୍ରୀନିବାସ ବିଶ୍ୱାଳ, ମାନସ ରଞ୍ଜନ ବିଶ୍ୱାଳ, ମାନସ ରଞ୍ଜନ ଚୌଧୁରୀ ଓ ପ୍ରୋଫେସର ପ୍ରଦ୍ୟୁତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର 'ନୂଆଁ ଖାଇ' ଭେଟ୍-ଘାଟ୍

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର



ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ନୂଆଁ ଖାଇ ଭେଟ୍ ଘାଟ ଓ ବରିଷ୍ଠ ନାଗରିକ ସଭାୟୁନିଟ୍- ୧ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଥିଲା । ସଭାପତି ଶ୍ରୀ ତ୍ରିପାଠୀ ଅତିଥି ଓ ସଭ୍ୟ ମାନଙ୍କୁ ନୂଆଁ ଖାଇ ଭେଟ୍ ଘାଟ ର ଅଭିନନ୍ଦନ ଜଣାଇଥିଲେ । ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତିଙ୍କ ପ୍ରସ୍ତାବ କ୍ରମେ ଦିବଙ୍ଗତ ସଭ୍ୟ ମାନଙ୍କପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସଙ୍ଗଠନ ସମ୍ପାଦକ ନୀଳ ମୋହନ ତ୍ରିପାଠୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଭୁବନେଶ୍ୱରର ନୂଆ ଡିସିପି ବିବେକ ଏମ୍ ଙ୍କୁ ସମିତି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ କରାଯାଇଥିଲା । କିନ୍ତୁ ଜରୁରୀ କାଳୀନ କାର୍ଯ୍ୟରେ ବ୍ୟସ୍ତ ହେତୁ ଆସି ନପାରି ସେ ସଭାର ସଫଳତା କାମନା କରିଥିଲେ । ରାଜ୍ୟ ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରସନ୍ନ କୁମାର ଦାସ, ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା, 'ବୋଉ ଫାଉଣ୍ଡେସନ'ର ପ୍ରତିଷ୍ଠାତା ଅତିସ୍ ମହାନ୍ତି ଓ ସହ ପ୍ରତିଷ୍ଠାତା ଶ୍ରୀମତୀ ସସ୍ମିତା ଦାସ, ନିଖିଳ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ମହା ସଚିବ ଜୁଗଳ କିଶୋର ସାହୁ, କଟକ ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ଭକ୍ତ ବଲ୍ଲଭ ଦାସ, ରାଜ୍ୟ ଅବସରପ୍ରାପ୍ତ ପୋଲିସ ହାଉସିଂ ନିଗମର ସାଧାରଣ ସମ୍ପାଦକ ସତ୍ୟ ପଟ୍ଟନାୟକ ଅତିଥିମାନେ ତାଙ୍କ ଅଭିଭାଷଣରେ ନୂଆଁ ଖାଇ ପର୍ବ ଭାଇଚାରାର ପ୍ରତୀକ ଏବଂ ବରିଷ୍ଠ ନାଗରିକ ମାନେ ନିଜକୁ ହେୟ ମନେ ନକରି ଆତ୍ମବିଶ୍ୱାସର ସାମାଜିକ କାର୍ଯ୍ୟକ୍ରମରେ ଲିପ୍ତ ରହିବାକୁ ପରାମର୍ଶ ଦେଇଥିଲେ । ଜୁଗଳ ଦାସଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମର ସବୁକ୍ଷେତ୍ରରେ ସଫଳତା ପାଇଁ ବୋଉ ଫାଉଣ୍ଡେସନ ସମ୍ବର୍ଦ୍ଧିତ କରିଥିଲା ।

### ଦୁର୍ଗାଷ୍ଟମୀ ଅବସରରେ ହିନ୍ଦୁ ଏକତା ଶୋଭାଯାତ୍ରା ଓ ପାଇକ ଆଖଡ଼ା ପ୍ରଦର୍ଶନ

ଜଟଣୀ, (ସବ୍ୟୁ) : ପବିତ୍ର ଦୁର୍ଗାଷ୍ଟମୀ ଅବସରରେ ସାମାଜିକ ଅନୁଷ୍ଠାନ ପିପୁଲ ଫର ସୋସାଇଟି ଏବଂ ସଂଗଠିତ ହିନ୍ଦୁ ପରିବାର ପକ୍ଷରୁ ମିଳିତ ଭାବେ ଡ଼ମୁଣେଇ ଠାକୁରାଣୀଙ୍କ ନିକଟରେ ଅସ୍ତ୍ର ପୂଜନ ସହ ସନାତନୀ ହିନ୍ଦୁ ଏକତା ଯାତ୍ରା ମା ଡମଣେଇ ମନ୍ଦିରରୁ ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା । ଉଲ୍ଲେଖ ଯୋଗ୍ୟ ଯେ ଜଟଣୀ ହେଉଛି ବୀର ପାଇକଙ୍କ ମାଟି, ଯେଉଁ ପରାକ୍ରମୀ ବୀର ମାନଙ୍କ ପାଇଁ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଏହି ମାଟିର ବୀରତ୍ୱ ଗାଥା ଇତିହାସରେ ଲେଖା ହୋଇ ରହିଛି । ଦୁର୍ଗାଷ୍ଟମୀ ହେଉଛି ପାଇକ ମାନଙ୍କର ଶକ୍ତି ପ୍ରଦର୍ଶନ କରିବାର ଦିନ, ତେଣୁ ଏହି ପରମ୍ପରାକୁ ବଜାୟ ରଖିବା ସହିତ ହିନ୍ଦୁ ମାନଙ୍କ ମଧ୍ୟରେ ସାହସ ଓ ଏକତା ବଜାୟ ରଖିବା ସହିତ ହିନ୍ଦୁ ପରମ୍ପରା ବଞ୍ଚାଇବା ପାଇଁ ଏଭଳି ଆୟୋଜନ କରାଯାଇଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ତଥା ସଂଗଠିତ ହିନ୍ଦୁ ପରିବାରର ଆବାହକ ଅନିଲ ବିଶ୍ୱାଳ କହିଛନ୍ତି । ଏହି ପରିପ୍ରେକ୍ଷୀରେ ବିଶାଳ ଶୋଭାଯାତ୍ରା ସହିତ ପାଇକ ଆଖଡ଼ା ପ୍ରଦର୍ଶନ, ନାଗାନାଚ ଓ ଘୋଡା ନାଚ ଅନୁଷ୍ଠିତ ହୋଇଥିଲା ।

## ନାବାଳକଙ୍କୁ ଛୁରୀ ମାରି ହତ୍ୟା

### ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ଛାନ୍‌ବିନ୍

କଟକ,(ସବ୍ୟୁ): କ୍ୟାଣ୍ଟନ୍‌ମେଣ୍ଟ ଥାନା ଅନ୍ତର୍ଗତ ତଳ ବାଲିଯାତ୍ରା ପଡିଆ ମହାନଦୀ କୂଳରୁ ଜଣେ ନାବାଳକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣଙ୍କ ହେଲେ ବାଦାମବାଡ଼ି ଥାନା ଅନ୍ତର୍ଗତ ରାଜାବଗିଚା ଅଞ୍ଚଳର ନାବାଳକ ସୁଶାନ୍ତ କୁମାର ସାହୁ(୧୫)। ତାଙ୍କୁ ଦୁର୍ବୃତ୍ତମାନେ ପଛପଟୁ ଧାରୁଆ ଛୁରୀରେ ଆକ୍ରମଣ କରିଥିଲେ । ସେ ଖସିଯିବାକୁ ଚେଷ୍ଟା କରିଥିବା ବେଳେ ଗୋଡ଼େଇ ଗୋଡ଼େଇ ଛୁରୀ ଭୁସିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି । ଘଟଣାସ୍ଥଳରୁ ୩୦୦ମିଟର ପର୍ଯ୍ୟନ୍ତ ରକ୍ତଛିଟା ପଡ଼ିଥିବା ବେଳେ ନିଶା ସାମଗ୍ରୀ ଜବତ କରାଯାଇଛି । ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଥିଲେ । କେଉଁ କାରଣ'ରୁ ଏହି ହତ୍ୟାକାଣ୍ଡ ସଙ୍ଗଠିତ ହୋଇଛି ତାହା ସ୍ପଷ୍ଟ ହୋଇ ପାରିନାହିଁ ।

ପୁଲିସ ସୂଚନା ଅନୁସାରେ, ସୁଶାନ୍ତ ଗତକାଲି ସକାଳେ ଘରୁ ବାହାରି ଯାଇଥିଲେ । ମାତ୍ର ଦୀର୍ଘ ସମୟ ବିତିଯିବା ପରେ ମଧ୍ୟ ସେ ଘରକୁ ଫେରି ନଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ସନ୍ଧାନ ପାଇନଥିଲେ । ଆଜି ଅର୍ଥାତ ରବିବାର ସକାଳେ ମହାନଦୀକୁ ଗାଧୋଇବା ପାଇଁ ଯାଇଥିବା କିଛି ସ୍ଥାନୀୟ ଲୋକ ତଳ ବାଲିଯାତ୍ରା ପଡ଼ିଆ ପାଖ ନଦୀକୂଳରେ ଜଣେ କ୍ଷତାକ୍ତ ନାବାଳକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଏ ନେଇ ପୁଲିସକୁ ଖବର ଦେଇଥିଲେ । ଖବର ପାଇ କ୍ୟାଣ୍ଟନ୍‌ମେଣ୍ଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଡିସିପି ହୃଷୀକେଶ ଖିଲାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ମୃତଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି । ତଦନ୍ତ ପ୍ରକ୍ରିୟାକୁ ଆହୁରି ଜୋରଦାର କରିବା ପାଇଁ ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ଆଣି ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି । ଏହି ସଂକ୍ରାନ୍ତରେ ମୃତକଙ୍କ ପରିବାର ପକ୍ଷରୁ ସଙ୍ଗୀନ ଅଭିଯୋଗ କରାଯାଇଛି । ସୁଶାନ୍ତଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ସୁଶାନ୍ତଙ୍କୁ ମାରିଦେବା ପାଇଁ କିଛି ଅସାମାଜିକ ଯୁବକ ଧମକ ଦେଇଥିଲେ । ସେହି ଶତ୍ରୁତାକୁ ନେଇ ଶନିବାର ସକାଳେ ତାଙ୍କୁ ଘରୁ ଡାକି ନେଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି । ମୃତକଙ୍କ ପରିଚୟ ସ୍ପଷ୍ଟ ହେବା ପରେ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ପଠାଇବା ସହ ସମସ୍ତ ଦିଗକୁ ଆଧାର କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି । ଡିସିପି ହୃଷୀକେଶ ଖିଲାରୀ କହିଛନ୍ତି ଯେ, ଏହି ଘଟଣାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରାଯାଇଛି । ବାଲିଯାତ୍ରା ପଡ଼ିଆ ଓ ଏହାର ନିକଟବର୍ତ୍ତି ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜକୁ ଯାଞ୍ଚ କରାଯାଉଛି ଏବଂ ଅପରାଧୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ । ଏହି ହତ୍ୟାକାଣ୍ଡ ପଛରେ କେଉଁମାନଙ୍କ ହାତ ରହିଛି ଏବଂ ଘଟଣାର ମୂଳ କାରଣ କ'ଣ, ସେ ନେଇ ପୁଲିସ ଛାନଭିନ୍ ଜାରି ରଖିଛି । ପାର୍ବଣରେ ଏହି ହତ୍ୟାକାଣ୍ଡକୁ ନେଇ ସହରରେ ଚାଞ୍ଚଲ୍ୟ ଖେଳିଯାଇଛି ।

# ଭାଷାବିକାଶ ପକ୍ଷରୁ ଆଲୋଚନାଚକ୍ର

ବାଲେଶ୍ୱର, (ସବ୍ୟୁ): ମଣିଷ ଯେତେ ଆଧୁନିକ ହେଲେ ବି ପରମ୍ପରାକୁ ସଂପୂର୍ଣ୍ଣ ପାଶୋରି ଯିବା ଉଚିତ ନୁହେଁ । ପରମ୍ପରାର ମାଟିରେ ହିଁ ଆଧୁନିକ ସମାଜ ଗଢ଼ା ହୋଇଛି । ପରମ୍ପରାକୁ ଭୁଲିଗଲେ ମଣିଷ ନିଜର ଅସ୍ତିତ୍ୱ ହରାଇ ବସିବ । ପରମ୍ପରାର ସୁଦୃଢ଼ ଚେରରେ ହିଁ ଆଧୁନିକ ସମାଜରୂପକ ମହାଦ୍ରୁମ ତା'ର ଶାଖାପ୍ରଶାଖା ପ୍ରସାରିତ କରିଛି ବୋଲି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଆତିଥ୍ୟ ସଭାକକ୍ଷରେ ଆୟୋଜିତ ପରମ୍ପରା ଓ ଆଧୁନିକତାର ସମନ୍ୱୟ: ଯୁବ ସମାଜ ପାଇଁ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ ।

ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିଦ୍ୟୁତପ୍ରଭା ପତି, ରିତେଶ ଦାଶ, ତ୍ରିନାଥ ନନ୍ଦୀ ଓ ଅନିଶା ନାୟକ ପ୍ରମୁଖ ଅତିଥି ବକ୍ତା ଭାବେ ଯୋଗ ଦେଇଥିଲେ । ବିଶେଷ ବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କାଲାମ, ବିଶିଷ୍ଟ କ୍ରୀଡ଼ାବିତ ଧ୍ୟାନଚାନ୍ଦ ଓ ଲୋକପ୍ରିୟ ଚିକିତ୍ସକ ତଥା ରାଷ୍ଟ୍ରନୀତିଜ୍ଞ ବିଧାନଚନ୍ଦ୍ର ରାୟ ପ୍ରମୁଖଙ୍କ ଉଦାହରଣ ଦେଇ କହିଲେ ଯେ ଏହି ମହାପୁରୁଷମାନେ ପରମ୍ପରାର ପୃଷ୍ଠଭୂମିରେ ଆଜିର ଆଧୁନିକ ସମାଜ ଗଢ଼ି ତୋଳିବାରେ ବିଶେଷ ଭୂମିକା ନିର୍ବାହ କରିଛନ୍ତି । ପରମ୍ପରା ଓ ଆଧୁନିକତାର ଉଚିତ ସମନ୍ୱୟରେ ହିଁ ଆଜିର ଯୁବସମାଜ ସ୍ୱପ୍ନର ରାଷ୍ଟ୍ର ନିର୍ମାଣ କରିବାରେ ସମର୍ଥ ହେବେ ବୋଲି ଡାକ୍ତର ନନ୍ଦ ମତ ପ୍ରକାଶ କରିଥିଲେ ।

ସଭା ପ୍ରାରମ୍ଭରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ତଥା କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ସମବେତ ସଙ୍ଗୀତକୁ ସଙ୍ଗୀତା ରଥ, ଶାନ୍ତିଲତା ପଣ୍ଡା, ପୁଷ୍ପଲତା ଚକ୍ରବର୍ତ୍ତୀ, ସଙ୍ଗୀତା ବାରିକ, ବାସନ୍ତୀ ଦେ, ଗୀତାଞ୍ଜଳି ଶତପଥୀ, କମଳିନୀ ଦାସ, ପ୍ରଫୁଲ୍ଲ କୁମାର ଦାସ ଓ ଦିଲ୍ଲୀପ ଚକ୍ରବର୍ତ୍ତୀ ଗାନ କରିଥିଲେ । ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ । ସଂଗଠନ ସଂପାଦକ ତପନ ରାୟ କାର୍ଯ୍ୟକ୍ରମ ସଂପର୍କରେ ପ୍ରାକ୍‌ବକ୍ତବ୍ୟ ଦେବା ସହିତ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବହୁ ସାହିତ୍ୟିକ ତଥା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।










# ସାଲେଇବେଡା ଠାରେ ଅନ୍ୱେଷଣ ପକ୍ଷରୁ କନ୍ୟା ସନ୍ତାନ ଦିବସ ପାଳିତ

ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ସାଲେଇବେଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାଲେଇବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ସକାଳ ୯.୩୦ ରେ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ଅନେଓ୍ୱଷଣ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶ୍ରୀମତୀ ପେଲଙ୍ଗ ହୋ ଯୋଗଦେଇ ବାଳିକା ମାନଙ୍କ ଅଧାରୁ ଶିକ୍ଷା ବନ୍ଦ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ସଂଗଠନର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ରାଉତ ଯୋଗଦେଇ ବାଲ୍ୟ ବିବାହର କୁ ପରିଣିତି ଓ ଲିଙ୍ଗଗତ ଭେଦଭାବ ଉପରେ ଆଲୋକପାତ କରିଥିଲେ । ଖପରଖାଇ ଗ୍ରାମର ଡାକ୍ତରୀ ଛାତ୍ରୀ ନିରୁପମା ଚାଟିଆ ଯୋଗଦେଇ ନିଜର ସଂଘର୍ଷର କାହାଣୀ କହି ଛାତ୍ରୀ, କିଶୋରୀଙ୍କୁ ପାଠ ପଢିବା ପାଇଁ ଉତ୍ସାହିତ କରିଥିଲେ । ଉପଦେଷ୍ଟା ମନୋରଞ୍ଜନ ମଲ୍ଲିକ କଲେଜ ଛାତ୍ରୀଙ୍କ ସମସ୍ୟାକୁ ନେଇ ହୋଇଥିବା ସର୍ଭେ ଫର୍ମକୁ ସମୀକ୍ଷା କରିଥିଲେ ୱ କୋଷାଧକ୍ଷ ଗଜେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କେଦାରନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସେଭ ଦ ଗାର୍ଲସ ସେଭ ଦ ଓ୍ୱାର୍ଲଡ ର ସଂଯୋଜକ ରଶ୍ମିରଂଜନ ବେହେରା, ବଂଶୀଧର ବେହେରା, ସୁଜାତା ମୁଣ୍ଡା ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।

ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଗ୍ରାମବାସୀ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ । କନ୍ୟା ସନ୍ତାନର ସୁରକ୍ଷା, ଶିକ୍ଷା ଓ ସବୁଜ ପରିବେଶ ଗଠନ ନେଇ ସଚେତନତା କରାଯାଇଥିଲା । ପ୍ରତ୍ୟେକ କନ୍ୟା ଜନ୍ମ ସହିତ ଗୋଟିଏ ଗଛ ଲଗାଇବାର ସଂକଳ୍ପ ନିଆଯାଇଥିଲା । ପ୍ରତ୍ୟେକ କନ୍ୟା ସନ୍ତାନକୁ ଗଛ ପରି ଯନି ନେବା, ପାଠ ପଢାଇବା ଏବଂ ସମାଜରେ ସମ୍ମାନ ଦେବା ପାଇଁ ଆହ୍ୱାନ ଦିଆଯାଇଥିଲା । ଶେଷରେ ପରିବେଶ ସୁରକ୍ଷା ଓ କନ୍ୟା ସୁରକ୍ଷା ନେଇ ଶପଥ ପାଠ କରାଯାଇଥିଲା ।

# ବଳାଙ୍ଗୀ ସାହିତ୍ୟ ସଂସଦର ସାରସ୍ୱତ ବନ୍ଧୁ ମିଳନ ଓ କବିତା ଆସର

ବାଲେଶ୍ୱର, (ସବ୍ୟୁ): ନୂତନ କରି ବାଲେଶ୍ୱରରେ ଗଢି ଉଠିଥିବା ବଳାଙ୍ଗୀ ସାହିତ୍ୟ ସଂସଦର ଉଦଘାଟନ ଓ କବିତା ଆସର ଶାରଦୀୟ ପାର୍ବଣର ଅବସରରେ ଗବଗାଁ ସ୍ଥିତ ସାଇ ଶିଶୁ ବିଦ୍ୟାମନ୍ଦିର ପ୍ରେକ୍ଷାଳୟରେ ସଭାପତି ଡ.ରନାକର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟକ ରୂପେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ପ୍ରତିଭା ଶ୍ରୀ ଓ ପ୍ରଜାପତି ଅନୁଷ୍ଠାନର ମୁଖ୍ୟ କବି ପ୍ରଶାନ୍ତ ଦାସ ଓ କେନ୍ଦ୍ରସାହିତ୍ୟ ଏକାଡେମୀ ସଦସ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଓ ଫକୀର ମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି କବି ବିମଳ ଜେନା ଯୋଗଦାନ କରିଥିଲେ । ଏହି ଆସରରେ ଦଶରଥ ହେମ୍ବ୍ରମଙ୍କ ପ୍ରତିଷ୍ଠିତ ଓ ଦ୍ୱାରା ସମ୍ପାଦିତ ଆଦିଭୂମି ଶାରଦୀୟ ସଂକଳନ ଟିକୁ ସହଯୋଗୀ ସମ୍ପାଦକ ଜୁମର ନାଥ ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ସମର ବଲ୍ଲଭ ଭୋଇ,ଆଜିମ ବାଲେଶ୍ୱରୀ, ସୁବ୍ରତା ମହାନ୍ତି, ଜେ୍ୟାସ୍ନା ରାୟ, ପ୍ରଭାତ ଆଚାର୍ଯ୍ୟ, ପ୍ରବୀର କମିଲା,ସୁବାସ ସ୍ୱାଇଁଙ୍କ ଗହଣରେ କବି ପ୍ରଶାନ୍ତ ଦାସ ଓ କବି ବିମଳ ଜେନାଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା ।ଏତଦବ୍ୟତୀତ ପ୍ରଭାକର ସାହୁ, ପଦ୍ମଲୋଚନ ପ୍ରଧାନ,ଶାନ୍ତିଲତା ପଣ୍ଡା, ଶାନ୍ତି ବିଶି କଲ୍ୟାଣୀ ନନ୍ଦ, କଳ୍ପନା କୁମାରୀ ଲାହା, କୃଷ୍ଣା ପ୍ରଧାନ, ତ୍ରିନାଥ ନନ୍ଦୀ, ଝରଣା ମଲ୍ଲିକ, ରଣଜିତ କୁମାର ବେହେରା, ଆଭାମୟୀ ବାରିକ, କାର୍ତ୍ତିକ ସେଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଓ ସାଇ ଶିଶୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ କବି ମଧୁସୂଦନ ମିଶ୍ର ମଞ୍ଚ ପରିଚାଳନା ସହ ସମ୍ପାଦକୀୟ ପ୍ରାକ କଥନ ଉପସ୍ଥାପନ କରିଥିଲେ । ଆଭାମୟୀ ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ କାର୍ତ୍ତିକ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କାକୁଡିଆରେ ମନୋରଞ୍ଜନ ସାରଙ୍କ ସ୍ମୃତିସଭା

ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଗ୍ରାମର ଆଦର୍ଶ ପ୍ରଧାନଶିକ୍ଷକ ସ୍ୱର୍ଗତ ମନୋରଞ୍ଜନ ବେହେରାଙ୍କ ଏକାଦଶାହ ପାଳନ ଅବସରରେ ଏକ ସ୍ମୃତିସଭା ଶୁକ୍ରବାର ସଂଧ୍ୟାରେ କାକୁଡିଆ ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଓଡିଶା ସାମ୍ବାଦିକୟୁନିଅନର ଜିଲା ସଭାପତି ଗଙ୍ଗାଧର ରାଉତ,ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ସମାଜସେବୀ ଶଶିକୁମାର ସାହୁ,ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ,ସାଂସଦ ପ୍ରାର୍ଥୀନୀ ମଧୁମିତା ସେଠୀ,ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ଦାସ,ପିସିସି ସମ୍ପାଦକ ମାନସ କର,କଂଗ୍ରେସ ନେତା ଆଶିଷ ପଟ୍ଟନାୟକ,ସୋରର କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ ଧଡା,ଯଜ୍ଞବରାହ ମହାନ୍ତି,କୈଳାସ ବାରିକ,ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଶରତ ଦାସ,କମଳ ଲୋଚନ ଜେନା,ବସନ୍ତ ଖିଲାର ଓ ଖଇରା ସାମ୍ବାଦିକ ସଂଘର ସଦସ୍ୟ ମାନେ ଏହି ସଭାରେ ଯୋଗ ଦେଇଥିଲେ। ମନ ସାର ଭାବେ ଚିରପରିଚିତ ମନୋରଞ୍ଜନ ବେହେରା ଜଣେ ନିଷ୍ଠାପର,ସଚ୍ଚୋଟ ଓ ନିସ୍ୱାର୍ଥପର ସେବକ ତଥା ଦରଦୀ ବନ୍ଧୁ ଥିଲେ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ।

# କମାପଲ୍ଲୀ ଦୁର୍ଗା ପୂଜାରେ ଯୋଗ ଦେଲେ ବିଧାୟକ

ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ କମାପଲ୍ଲୀ ଛକ ସ୍ଥିତ ଦୂର୍ଗା ପୂଜା କମିଟି ପକ୍ଷରୁ ୬୩ତମ ବର୍ଷ ଦୁର୍ଗାପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ପବିତ୍ର ମହାସପ୍ତମୀ ତିଥିରେ ଦୁର୍ଗାପୂଜା ମଣ୍ଡପରେ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏହି ପବିତ୍ର ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମଣ୍ଡପରେ ପହଞ୍ଚି ମା' ଦୁର୍ଗାଙ୍କ ଦର୍ଶନ କରିବା ସହ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରିଥିଲେ । ମା'ଙ୍କ ଦିବ୍ୟ ଦର୍ଶନ କରି ବିଧାୟକ ବ୍ରହ୍ମପୁର ବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ ।

ଏହାପରେ ମଣ୍ଡପ ପକ୍ଷରୁ ଆୟୋଜିତ ପବିତ୍ର ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଯୋଗ ଦେଇ ଭକ୍ତମାନଙ୍କ ସହ ଆନନ୍ଦରେ ପ୍ରସାଦ ବଣ୍ଟନ ସହ ପ୍ରସାଦ ସେବନ କରିଥିଲେ । ମା' ଜଗତ ଜନନୀ ଦୁର୍ଗାଙ୍କ ଆରାଧନା, ଭକ୍ତି ଓ ଶ୍ରଦ୍ଧାର ଏହି ପବିତ୍ର ପର୍ବ ଅବସରରେ ଭକ୍ତମାନଙ୍କ ମଧ୍ୟରେ ଭାଇଚାରା, ଏକତା ଓ ସାମାଜିକ ସଦ୍ଭାବର ସୁନ୍ଦର ପରିବେଶ ପରିଲକ୍ଷିତ ହୋଇଥିଲା । ମା'ଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ସୁଖମୟ ହେଉ ଏବଂ ସମାଜରେ ଶାନ୍ତି ଓ ସମୃଦ୍ଧି ବଜାୟ ରହୁ-ଏହା ହିଁ ଥିଲା ଏହି ପବିତ୍ର ଅବସରର ମୁଖ୍ୟ ବାର୍ତ୍ତା ।









# ବଞ୍ଚିଛି ରାଜ ପରମ୍ପରା, ବିନା ମଥାରେ ପୂଜା ପାଆନ୍ତି ମା’



ରାୟଗଡ଼ା,(ସବ୍ୟୁ): ପାର୍ବଣର ଋତୁ ଆସିଲେ ଚଳଚଞ୍ଚଳ ହୋଇଉଠେ ପାହାଡ଼ ମୁଲକ । ଗାଁ ଗାଁରୁ ଭାସିଆସେ ଧୂପ, ଦୀପ ଓ ଜଡ଼ାତେଲର ମହକ । ଦୂରରୁ ଶୁଭେ ଢୋଲ, ନିଶାଣ, ମହୁରୀ ଓ ଚାଙ୍ଗୁର ଶବ୍ଦ। ଏହି ପରିବେଶ ମଧ୍ୟରେ କାଶୀପୁରର ମା’ ମାଣିକେଶ୍ୱରୀଙ୍କ ପୂଜା ପରମ୍ପରା ଆଜି ବି ରାଜା-ରାଜୁଡ଼ା ଅମଳର ସ୍ମୃତି ବହନ କରୁଛି । ତେବେ ଏଠାର ସବୁଠାରୁ ବିଚିତ୍ର ବିଶେଷତା ହେଉଛି ବର୍ଷସାରା ମା’ ବିନା ମସ୍ତକରେ ପୂଜା ପାଆନ୍ତି । କିମ୍ବଦନ୍ତୀ ଅନୁଯାୟୀ, କାଶୀପୁରର ରାଜା ନିଜ ଉପାସନା ପାଇଁ ଛିନ୍ନମସ୍ତା ରୂପରେ ମା’ ମାଣିକେଶ୍ୱରୀଙ୍କୁ ପ୍ରତିଷ୍ଠା କରିଥିଲେ । ମା’ଙ୍କ ମସ୍ତକ ରାୟଗଡ଼ା ଜିଲ୍ଲାର ଖେଦାପଡ଼ାରେ, ବେକଠାରୁ ପେଟ ପର୍ଯ୍ୟନ୍ତ ଅଂଶ ଭବାନୀପାଟଣାରେ ଏବଂ କଟିଠାରୁ ପାଦ ପର୍ଯ୍ୟନ୍ତ ଅଂଶ ଥୁଆମୂଳ ରାମପୁରରେ ପୂଜା ପାଉଥିବା ନେଇ ଲୋକବିଶ୍ୱାସ ରହିଛି । ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀରୁ ଆରମ୍ଭ ହୁଏ ମା’ଙ୍କ ସ୍ୱତନ୍ତ୍ର ପୂଜାବିଧି । ସହସ୍ର କୁମ୍ଭାଭିଷେକ ପରେ ଷୋଡ଼ଶ ଉପଚାର ଓ ତାନ୍ତ୍ରିକ ବିଧିରେ ପୂଜା ହୁଏ । ରାଜ ପରିବାରର ବଂଶଜ ରାଜା ଡା. ଦ୍ୱିବେନ୍ଦୁ କୁମାର ଦେବ ଓ ରାଣୀ ହେମପ୍ରିୟା ଦେବୀଙ୍କ ତତ୍ତ୍ୱାବଧାନରେ ଏହି ପରମ୍ପରା ପାଳିତ ହୋଇଆସୁଛି । ପ୍ରତିପଦାରେ ‘ଖଣ୍ଡାଧୁଆ’ ପର୍ବ ହୁଏ । ୬ ଟି ପାରମ୍ପରିକ ଖଣ୍ଡାକୁ ବୌଦ୍ଧନାଥ ସାଗରକୁ ନେଇ ସ୍ନାନ କରାଯାଇ ଶାଣ ଦିଆଯାଏ । ଏହି ସମୟରେ ମା’ଙ୍କ ମସ୍ତକ ନିର୍ମାଣ ପାଇଁ କୁମ୍ଭାରଶୀଳା ଗାଁରୁ ପବିତ୍ର ମାଟି ଅଣାଯାଏ । ରାଜନଅର ନିକଟସ୍ଥ ଏକ ନିର୍ଜନ ଗୃହରେ ମାଟିରେ ମା’ଙ୍କ ମସ୍ତକ ନିର୍ମାଣ କରାଯାଇ ଅଳଙ୍କାରରେ ସଜାଯାଏ । ପରେ ପଟୁଆରରେ ମନ୍ଦିରକୁ ନିଆଯାଇ ମା’ଙ୍କ ଶରୀରରେ ସ୍ଥାପନ କରାଯାଏ । ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ଧରି ଚାଲେ ବିଭିନ୍ନ ପୂଜାବିଧି । ଦଶମୀ ରାତିରେ ଅସ୍ଥାୟୀ ଭାବେ ନିର୍ମିତ ମା’ଙ୍କ ମସ୍ତକକୁ ଶରୀରରୁ ବିଚ୍ଛିନ୍ନ କରି ଦୁର୍ଗା ପୋଖରୀରେ ବିସର୍ଜନ କରାଯାଏ । ଏହାପରେ ପୁଣି ବର୍ଷସାରା ମା’ ମାଣିକେଶ୍ୱରୀ ବିନା ମସ୍ତକରେ ପୂଜା ପାଆନ୍ତି । ରାଜା ରାଜୁଡ଼ା ଅମଳର ଏହି ଅନନ୍ୟ ପରମ୍ପରା ଦେଖିବାକୁ ପ୍ରତିବର୍ଷ ଦୂରଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ କାଶୀପୁରକୁ ଛୁଟିଆସନ୍ତି । ଧାର୍ମିକ ଆସ୍ଥା ସହ ଏହି ପରମ୍ପରା କାଶୀପୁରର ଐତିହ୍ୟ ଓ ରାଜକୀୟ ସଂସ୍କୃତିର ଏକ ଅମୂଲ୍ୟ ପରିଚୟ ହୋଇରହିଛି ।

# ଗୁଳିବିଦ୍ଧ ଦନ୍ତାହାତୀର ମୃତ୍ୟୁ : ଯନ୍ତ୍ରଣାରେ ଘୂରି ବୁଲୁଥିଲା ହାତୀ



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ରେଞ୍ଜର ଖେସଡା ଜଙ୍ଗଲରେ ଏକ ଗୁଳିବିଦ୍ଧ ଦନ୍ତାହାତୀର ମୃତ୍ୟୁ ଘଟିଥିବା ବେଳେ ଏହା ବନବିଭାଗର ଅବହେଳାରୁ ହୋଇଥିବା ଅଞ୍ଚଳ ବାସି ଅଭିଯୋଗ କରିଛନ୍ତି । ଗତ ୮ ଦିନ ଧରି ଆହତ ହାତୀଟି ପେଣ୍ଡବାହାଳ ଗାଁ ନିକଟସ୍ଥ ଜଙ୍ଗଲରେ ଘୂରି ବୁଲୁଥିବା ବେଳେ ରବିବାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ବନ୍ୟଜନ୍ତୁ ସୁରକ୍ଷା ଏବଂ ବନ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୃତ ଦନ୍ତାହାତୀର ଆଗ ବାମ ଗୋଡ଼ରେ ଗୁଳି ବାଜିଥିବା ସନ୍ଦେହ କରାଯାଉଛି । ବନ ବିଭାଗର ଜୈନେକ ପଦାଧିକାରୀ (ନାଁ କୁ ଗୋପନରଖି ) ପ୍ରକାଶ କରିଛନ୍ତି ଯେ, ହାତୀ ଟି କୌଣସି ଖାଲରେ ପଡିଯାଇଛି ବା କାଚ ମାଡି କିମ୍ବା ଖୁଣ୍ଟି ମାଡିଦେଇ ଥାଇପାରେ । ହେଲେ କୌଣସି ବାଣୁଆ ମାରିଥିବା ସନ୍ଦେହ କରୁନାହାନ୍ତି । ହାତିଟି କେମିତି ଆହତ ହେଲା କେହି ବନ କର୍ମଚାରୀ କି ପଦାଧିକାରୀ ଜାଣି ପାରି ନାହାନ୍ତି । ଗତ ୮ ଦିନ ଧରି ହାତୀଟି ଆହତ ଅବସ୍ଥାରେ ଛୋଟେଇ ଛୋଟେଇ ଜଙ୍ଗଲରେ ବୁଲୁଥିବା ବେଳେ ହାତୀଟିକୁ ଠାବ କରି ଚିକିତ୍ସା ଯୋଗାଇଦେବା ପାଇଁ ବନ ବିଭାଗର ଦୁଇଟି ଟିମ ଡ୍ରୋନ କ୍ୟାମେରା ସହାୟତାରେ ଖୋଜାଖୋଜି ଜାରି ରଖିଥିଲେ। ହାତୀଟିକୁ ମଧ ପାଇଥିଲେ । ତୁରନ୍ତ କୌଣସି ପ୍ରକାର ଚିକିତ୍ସାର ବନ୍ଦୋବସ୍ତ କରି ନ ଥିଲେ । ଦୀର୍ଘ ୮ ଦିନ ଧରି ଆହତ ଅବସ୍ଥାରେ ଘୁରି ବୁଲୁଥିବା ବେଳେ ଶନିବାର ରାତିରେ ହିଁ ତାର ମୃତ୍ୟୁ ହୋଇଯାଇଥିଲା । ସକାଳେ ବନ ବିଭାଗ ତଥା ଡାକ୍ତର ଟିମ ହାତୀକୁ ଚିକିତ୍ସା ପାଇଁ ଟ୍ରାଙ୍କୁଲାଇଜର ଓ ଔଷଧ ଧରି ପହଁଚିଲା ବେଳ କୁ ହାତୀର ମୃତ୍ୟୁ ହୋଇସାରିଥିଲା ।

ନାକଟିଦେଉଳ ଅଂଚଳରେ ହିଁ ହାତୀଟିକୁ ଗୁଳି କରାଯାଇଥିବା ସନ୍ଦେହ କରାଯାଉଛି । କାହିଁକି ନାଁ ହାତିଟି ଯେଉଁ ଅବସ୍ଥାରେ ସେଇ ଅଂଚଳରେ ବୁଲୁଥିଲା ସେ ବେଶି ଦୂରରୁ ଆସି ନ ଥିବା ଅନୁମାନ କରାଯାଉଛି । କୌଣସି ବାଣୁଆ ଦାନ୍ତ ଲୋଭରେ ତାକୁ ଗୁଳି କରି ଥିବାକୁ ଏଡାଇ ଦିଆ ଯାଇ ନ ପରେ । ରବିବାର ମୃତ୍ୟୁ ବରଣ କରିଥିବା ଶବ ପାଖରେ ବନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଛାଇ ଯାଇଥିଲେ । ଘଟଣା ସ୍ଥଳରେ ରେଢ଼ାଖୋଲ ଡ଼ିଏଫ ଓ, ଏସିଏଫ, ପୋଲିସ ବିଭାଗ ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ମୃତ୍ୟୁ ବରଣ କରିଥିବା ସ୍ଥାନକୁ ବାରିକେଟ ଦେଇ ହାତୀ ଘୋଡାଇ ରଖିଥିଲେ । ଗଣମାଧ୍ୟମର ସମସ୍ତ ପ୍ରତିନିଧି ମାନଙ୍କୁ ଫୋଟ ଉଠାଇବାକୁ ବନବିଭାଗ ବାରଣ କରିଥିଲା । ଫଳରେ ଗଣମାଧ୍ୟମ ପ୍ରତିନିଧିମାନେ ଖବର ପ୍ରସାରଣରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ମୃତ ହାତୀର ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ତାର କେମିତି ମୃତ୍ୟୁ ହେଲା ଖବର ଲେଖା ହେବା ପର୍ଯ୍ୟନ୍ତ ସୂଚନା ମିଳି ପାରି ନାହିଁ । ଗତ କିଛି ବର୍ଷ ହେଲା ନାକଟିଦେଉଳ ରେଞ୍ଜରେ ୯ ଟି ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

# ଆରଏସଏସର ବିଜୟା ଦଶମୀ ଉତ୍ସବ ପାଳନ

କଳମପୁର, (ସବ୍ୟୁ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଳମପୁର ଖଣ୍ଡ ପକ୍ଷରୁ ୧୦୧ ତମ ବିଜୟା ଦଶମୀ ଉତ୍ସବ ପାଳନ ଅବସରରରେ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିଥି ମାନଙ୍କ ଦ୍ୱାରା ଭାରତ ମାତା, ଡକ୍ଟରଜୀ ଓ ଶ୍ରୀଗୁରୁଜୀଙ୍କ ପ୍ରତିକୃତିରେ ଦୀପ ପ୍ରଜ୍ୱଳନ ଓ ଶସ୍ତ୍ର ପୂଜନ ପରେ ବରିଷ୍ଠ ସ୍ୱୟଂସେବକ କ୍ଷେତ୍ର ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ଘୋଷ ପ୍ରମୁଖ ମନୋଜ କୁମାର ମୁଣ୍ଡ ଯୋଗଦେଇ ସଂଘ ପ୍ରତିଷ୍ଠାତା ଡକ୍ଟରଜୀଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ନିତ୍ୟ ସଂଘ ଶାଖା ମଧ୍ୟରେ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ରାଷ୍ଟ୍ରୀୟ ଭାବନା ଜାଗ୍ରତ କରି ରାଷ୍ଟ୍ରକୁ ପରମ ବୈଭବଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ଖଣ୍ଡ କାର୍ଯ୍ୟବାହ ଅଭିରାମ ପଣ୍ଡା ପରିଚୟ ପ୍ରଦାନ କରିଥିବା ବେଳେ ଖଣ୍ଡ ବ୍ୟବସ୍ଥା ପ୍ରମୁଖ ଅମିତ ସେନାପତି ମୁଖ୍ୟ ଶିକ୍ଷକ ଦାୟିତ୍ୱ ତୁଲାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଂଘଚାଳକ ଜଗଦୀଶର ମୁଣ୍ଡ, ପୂର୍ବତନ ସହ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଗୋକୁଳାନନ୍ଦ ଠାକୁର, ପ୍ରଶାନ୍ତ ପଣ୍ଡା, ଯୋଗ ଶିକ୍ଷକ ଚନ୍ଦ୍ର ଶେଖର ସାହୁ, ଅଶ୍ୱିନ ସେନାପତି, ରାକେଶ ଠାକୁର, ପ୍ରମୁଖ ଯୋଗ ଦେଇଥିଲେ । ଶତାଧିକ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ କାର୍ଯ୍ୟକ୍ରମ ଓ ପଥ ସଞ୍ଚଳନରେ ଭାଗ ନେଇଥିଲେ । ବିଭିନ୍ନ ସହରର ବିଭିନ୍ନ ସ୍ଥାନରେ ଜନ ସାଧାରଣ ମାତା ଭଗିନୀ ସ୍ୱାଗତ କରିଥିଲେ ।

# ନଭେମ୍ବର ୧ରେ ବଲାଙ୍ଗିର ଦିନ୍
## ୨୪ରୁ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା



ବଲାଙ୍ଗିର,(ସବ୍ୟୁ): ନଭେମ୍ବର ୧ ତାରିଖରେ ବଲାଙ୍ଗିର ଦିନ୍ ପାଳିତ ହେବ । ଜିଲ୍ଲା ଗଠନର ଅସ୍ମିତାର ଦିନକୁ ସ୍ମରଣୀୟ କରିବାକୁ ବଲାଙ୍ଗିର ଦିନ ପାଳନ ପୂର୍ବରୁ ଆସନ୍ତା ୨୪ ତାରିଖରୁ ଆରମ୍ଭ କରି ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ସପ୍ତାହଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ । ରବିବାର ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ ପିପି ଏକାଡେମୀର ସଭାକ କ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି । ମିଡିଆ ସଂଯୋଜକ ଲୋଟସ ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ଦେବାପରେ ଅଧ୍ୟକ୍ଷ ଶ୍ରୀ ପାଣିଗ୍ରାହୀ ବଲାଙ୍ଗିର ଦିନ୍ ପାଳନନେଇ ସୂଚନା ଦେଇଥିଲେ । ଆସନ୍ତା ଅକ୍ଟୋବର ୨୪ ତାରିଖରେ କଲେଜଛକ କଲ୍ୟାଣମଣ୍ଡପଠାରେ ନାରୀଶକ୍ତି ଫାଉଣ୍ଡେସନ ତରଫରୁ ମାଗଣା ସ୍ୱାସ୍ଥ୍ୟଶିବିର ଓ ଚକ୍ଷୁପରୀକ୍ଷଣ ଶିବିର ଅନୁଷ୍ଠିତ ହେବ ।

ସେହିପରି ନଭେମ୍ବର ୧ ତାରିଖରେ ସକାଳୁ କୋସଲକଳାମଣ୍ଡଳ ପଡିଆରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହରପରିକ୍ରମା କରି ପୁଣି କୋସଲକଳାମଣ୍ଡଳ ପଡିଆକୁ ଫେରିବ । ସାଂସ୍କୃତିକ ଶୋଭାଯାତ୍ରାରେ ବଲାଙ୍ଗିରର ବିଭିନ୍ନ ସାମାଜିକ ଓ ସାଂସ୍ଵତିକ ଅନୁଷ୍ଠାନ,ବୁଦ୍ଧିଜୀବୀ ,ସ୍ୱେଚ୍ଛାସେବୀ ଯୋଗଦେବାକୁ ନିବେଦନ କରାଯାଇଛି । ୧ ତାରିଖ ସଂଧ୍ୟାରେ କୋସଲ କଳାମଣ୍ଡଳ ପଡିଆରେ ବଲାଙ୍ଗିର ଦିନ୍ ର ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାର ବିଧାୟକଗଣ ଓ ରାଜ୍ୟସରକାରଙ୍କୁ କିଛି ମନ୍ତ୍ରୀ ଯୋଗଦେବାର ସମ୍ମତି ଦେଇଛନ୍ତି ବୋଲି କମିଟିର ଅଧ୍ୟକ୍ଷ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟିର ସରିତା ଦାସ, ପ୍ରତାପ ଚନ୍ଦ୍ର ରଥ, ବିଧୁଭୂଷଣ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଲୋଟସ ଷଡଙ୍ଗୀ, ଦୀନେଶ ଶର୍ମା,ବିନୋଦ କାଲସାଏ,ସଂଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ରେ ସାଂସ୍କୃତିକ ମଞ୍ଚ ଉଦ୍‌ଘାଟିତ
## ଦ୍ୱାରୀ-କାଶୀପାଲି ଦୁର୍ଗାପୂଜାରେ ବିଧାୟକ



ଅମ୍ବାଭୋନା, (ସବ୍ୟୁ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦ୍ୱାରୀ-କାଶୀପାଲି ଗ୍ରାମରେ ମା’ ଦୁର୍ଗାଙ୍କ ପୂଜା ମହୋତ୍ସବ ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଛି । ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇ ମା’ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ଅଞ୍ଚଳର ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ । ପୂଜା ମହୋତ୍ସବ ଅବସରରେ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନାରେ ମା’ ଦୁର୍ଗା ମନ୍ଦିର ପରିସରରେ ନିର୍ମିତ ନୂତନ ସାଂସ୍କୃତିକ ମଞ୍ଚକୁ ବିଧାୟକ ଶ୍ରୀ ଆଚାର୍ଯ୍ୟ ଉଦ୍ଘାଟନ କରିଥିଲେ । ଏହି ମଞ୍ଚ ଗ୍ରାମରେ ଧାର୍ମିକ ସମାରୋହ, ସାଂସ୍କୃତିକ ଉତ୍ସବ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଉପଯୋଗୀ ହେବ । ଗ୍ରାମୀଣ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ସହ ସାମୂହିକ କାର୍ଯ୍ୟକଳାପକୁ ଏହା ନୂତନ ଦିଗ ଦେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ, ଦ୍ୱାରୀ-କାଶୀପାଲି ଦୁର୍ଗାପୂଜା ଆୟୋଜନ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ମିଳିଛି । ଏହି ସହାୟତା ପୂଜା ମହୋତ୍ସବର ସୁଚାରୁ ଆୟୋଜନରେ ସହାୟକ ହୋଇଥିବାରୁ ମା’ ଦୁର୍ଗା ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରାଯାଇଛି । ପୂଜା ମହୋତ୍ସବ ସହ ନୂତନ ସାଂସ୍କୃତିକ ମଞ୍ଚର ଉଦ୍ଘାଟନ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଛି । ଧାର୍ମିକ ଆସ୍ଥା, ସାଂସ୍କୃତିକ ପରମ୍ପରା ଓ ଗ୍ରାମୀଣ ବିକାଶକୁ ଏକାଠି କରି ଏହି ପଦକ୍ଷେପ ଦ୍ୱାରୀ-କାଶୀପାଲିର ସାମାଜିକ ଜୀବନକୁ ଅଧିକ ସକ୍ରିୟ କରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।

# ଜମନକିରାରେ ୯୬ ତମ ଶାରଦୀୟ ଦୁର୍ଗାପୂଜା



ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସଦର ମହକୁମାରେ ଗ୍ରାମ ଉନ୍ନୟନ କମିଟି ପକ୍ଷରୁ ୯୬ ତମ ଐତିହାସିକ ତଥା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହୋତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି । ଏଥିପାଇଁ ପୂଜା ପ୍ରାଙ୍ଗଣରେ ନିର୍ମିତ ଭବ୍ୟ ଓ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳା ସମଗ୍ର ଅଞ୍ଚଳକୁ ଉତ୍ସବମୁଖର କରି ଗଢ଼ିତୋଳିଛି ।

କାର୍ଯ୍ୟସୂଚୀ ଅନୁଯାୟୀ, ଆଶ୍ୱିନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମା’ ମହାମାୟାଙ୍କ ଶୁଭ ଘଟ ଆବାହନ କରାଯାଇଛି । ପରେ ବିଲ୍ୱବରଣ, ଅଧିବାସ ଏବଂ ମହାସପ୍ତମୀରେ ବୃହଦାଭିଷେକ ଓ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା ସହ ବଳିଦାନ ଅନୁଷ୍ଠିତ ହୋଇଛି । ମହାଅଷ୍ଟମୀରେ ବିହିତ ଚଣ୍ଡୀପାଠ, ସନ୍ଧ୍ୟାରେ ଆକର୍ଷଣୀୟ ଭାଇଜୁଇନ୍ତିଆ ଉତ୍ସବ ତଥା ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ମହାନବମୀରେ ସନ୍ଧିପୂଜା ଏବଂ ଅର୍ଦ୍ଧରାତ୍ର ବଳିଦାନର ବିଧି ରହିଛି । ବିଜୟା ଦଶମୀ ବା ଦଶହରାରେ ନବପତ୍ରିକା ପୂଜା, ବୃହଦାଭିଷେକ ଏବଂ ପୂର୍ଣ୍ଣାହୁତି ସହ ଖଡ୍ଗ ଯାତ୍ରା ସମ୍ପନ୍ନ ହେବ । ଶେଷରେ ମା’ ଦୁର୍ଗାଙ୍କ ଭାବପୂର୍ଣ୍ଣ ଭସାଣୀ ଯାତ୍ରା (ଉପାଣୀ ଯାତ୍ରା) ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି ।

ପୂଜା ଉପଲକ୍ଷେ ପ୍ରତ୍ୟହ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଦଶହରା ଅବସରରେ ପାର୍ବଣ ପଡ଼ିଆରେ ରାବଣ ପୋଡ଼ି ଏବଂ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି । ପୂଜା କାର୍ଯ୍ୟରେ ପୂଜକ ଭାବେ ଅଶୋକ କୁମାର ପାଣିଗ୍ରାହୀ ଏବଂ କର୍ତ୍ତା ଭାବେ ହେମନ୍ତ କୁମାର ପଟେଲ ଦାୟିତ୍ୱ ତୁଲାଉଛନ୍ତି । ମହୋତ୍ସବକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଗ୍ରାମ ଉନ୍ନୟନ କମିଟିର ସଭାପତି ସୁବାସ ଚନ୍ଦ୍ର ସାହୁ, ଉପ-ସଭାପତି ଗୋପାଳ ସାହୁ, ସମ୍ପାଦକ ବିରାଜ ଘାଣ୍ଡେ, ସହ-ସମ୍ପାଦକ ଦେବାଶିଷ ମହାକୁଲ, କାର୍ଯ୍ୟକାରୀ ସଭାପତି ଦିଲୀପ ସାହୁ, କୋଷାଧ୍ୟକ୍ଷ ହରିହର ରଣା, ସହ-କୋଷାଧ୍ୟକ୍ଷ ସନ୍ତୋଷ ମହାକୁଲ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଓ କମିଟିର ସମସ୍ତ କର୍ମକର୍ତ୍ତା ସକ୍ରିୟ ସହଯୋଗ କରୁଛନ୍ତି । ମା’ଙ୍କ ଆଶୀର୍ବାଦ ଭିକ୍ଷା କରିବା ପାଇଁ ଜମନକିରା ତଥା ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି ।

# ଅତାବିରା ଦୁର୍ଗା ମଣ୍ଡପ ସମ୍ମୁଖରେ ରଙ୍ଗୋଲି ପ୍ରତିଯୋଗିତା

ବରଗଡ଼,(ସବ୍ୟୁ) : ସାର୍ବଜନୀନ ମା’ ଦୁର୍ଗା ପୂଜା କମିଟି, ଅତାବିରା ପକ୍ଷରୁ ଶନିବାର ସନ୍ଧ୍ୟାରେ ଦୁର୍ଗା ମଣ୍ଡପ ସମ୍ମୁଖରେ ଏକ ବର୍ଣ୍ଣାଢ୍ୟ ରଙ୍ଗୋଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୪୩ ଟି ଟିମରେ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଦୁର୍ଗା ମନ୍ଦିର କମିଟିର ସଭାପତି ସୁରେନ୍ଦ୍ର ସ୍ୱାଇଁ, ବରିଷ୍ଠ ସଦସ୍ୟ ଉନ୍ନି କୃଷ୍ଣନ ନାୟାର, ଅବିନାଶ ପ୍ରଧାନ, ରବି ପଣ୍ଡା, କିରଣ ପ୍ରଧାନ, ରିଙ୍କୁ ପ୍ରଧାନ, ରାଜେଶ ପ୍ରଧାନ, ମିଳନ ପ୍ରଧାନ , ପିଙ୍କୁ ପ୍ରଧାନ ପ୍ରମୁଖ ରଙ୍ଗୋଲି ସ୍ଥଳ ପରିଦର୍ଶନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଦୁର୍ଗା ମନ୍ଦିର କମିଟିର ଜୁନିୟର ଗ୍ରୁପ ପକ୍ଷରୁ କାର୍ଯ୍ୟକ୍ରମ ସୁଚାରୁ ରୂପେ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ପରେ ସମସ୍ତ ରଙ୍ଗୋଲି ଟିମ ଏବଂ ନଟରାଜ କଳା ପରିଷଦର ପ୍ରତିଯୋଗୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ବିତରଣ ଉତ୍ସବରେ ଅତାବିରା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ କର୍ଣ୍ଣ, ଦୁର୍ଗା ମନ୍ଦିର କମିଟି ସଭାପତି ସୁରେନ୍ଦ୍ର ସୱାଇଁ, ତିହାର ଲୋକମହୋତ୍ସବ ସମିତିର ଆବାହକ ରବି ପଣ୍ଡା, କମିଟି ସଦସ୍ୟ ଅବିନାଶ ପ୍ରଧାନ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ରିଙ୍କୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋମାତାକୁ ରାଷ୍ଟ୍ରମାତା ସମ୍ମାନ ପ୍ରଦାନ ଦାବି

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ‘ଗୋ ସମ୍ମାନ ଆହ୍ୱାନ ଅଭିଯାନ’ ଅନ୍ତର୍ଗତ ଏକ ପଶ୍ଚିମ ଓଡ଼ିଶାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସ୍ଥାନ ପଥମେଡ଼ା ଗୋଧାମର ଗୋସନ୍ଥ ଗୋପାଳାନନ୍ଦ ସରସ୍ୱତୀ ଜୀ ଯୋଗଦେଇ ଗୋମାତାକୁ ରାଷ୍ଟ୍ରମାତା ଘୋଷଣା କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରତି ବ୍ଲକ ଓ ଜିଲ୍ଲାରେ ଏକ ‘ଗୋ ଅଭୟାରଣ୍ୟ’ ପ୍ରତିଷ୍ଠା କରିବାକୁ ସରକାରଙ୍କୁ ଏକ ପ୍ରସ୍ତାବ ଦେଇଥିଲେ । ଏଥିସହ ଆସନ୍ତା ଡିସେମ୍ବର ୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ମହାରାଲି ପାଇଁ ମଧ୍ୟ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଅତିକମ୍‌ରେ ତିନି ଲକ୍ଷ ଗୋ ଭକ୍ତଙ୍କ ସମାଗମ କରିବାକୁ ଆହ୍ୱାନ ଦିଆଯାଇଛି । ସମ୍ପୂର୍ଣ୍ଣ ଭାରତବର୍ଷରେ ଗୋହତ୍ୟା ଉପରେ ରୋକ ଲଗାଇବା ଏବଂ ଗୋମାତାକୁ ‘ରାଷ୍ଟ୍ରମାତା’ ସମ୍ମାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶାଣ୍ଡିଲ୍ୟ କଲେଜର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ବାରିକ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଗାୟତ୍ରୀ ପରିବାରର ମାତୃ ମଣ୍ଡଳୀ ପକ୍ଷରୁ ସାଧୁ ମହାରାଜଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଓଡ଼ିଶା ଗୋ ସମ୍ମାନ ଅଭିଯାନର ମୁଖ୍ୟ ଆଦିତ୍ୟ ଦାସ ବ୍ରହ୍ମଚାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ କମଳାକାନ୍ତ ମହାପ୍ରଭୁ, ସନ୍ଥ ମାଧବ ବାବା, ଅଖିଳ ଭାରତୀୟ ବ୍ରାହ୍ମଣ ସମାଜର ଉପସଭାପତି ଗୋପୀନାଥ ମିଶ୍ର, ଗୋପାଳଜୀ ମଠର ମହନ୍ତ ହୃଷୀକେଶ ଦାଶ ଏବଂ ସ୍ୱାମୀ ଭୂପେନ୍ଦ୍ରଜୀ, ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର ପ୍ରମୁଖ ମଞ୍ଚାସୀନ ଥିଲେ ।

# ମେଲଛାମୁଣ୍ଡାରେ ୯ଦଶନ୍ଧୀରେ ମା’ଙ୍କ ଆରାଧନା
## ୧୦୮ ପୂର୍ଣ୍ଣ କଳସର ଶୋଭାଯାତ୍ରା



ପଦ୍ମପୁର,(ସବ୍ୟୁ) : ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖି ମେଲଛାମୁଣ୍ଡାରେ ଆରମ୍ଭ ହୋଇଛି ସାର୍ବଜନୀନ ଦୁର୍ଗାପୂଜାର ୯୦ତମ ବାର୍ଷିକ ଉତ୍ସବ । ଏହି ଅବସରରେ ଆୟୋଜିତ ୧୦୮ ପୂର୍ଣ୍ଣକଳସର ଶୋଭାଯାତ୍ରାରେ ସମଗ୍ର ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା । ଶଙ୍ଖନାଦ, ଘଣ୍ଟଧ୍ୱନି ଓ ମା’ ଦୁର୍ଗାଙ୍କ ଜୟଧ୍ୱନିରେ ମୁଖରିତ ହୋଇଥିଲା ମେଲଛାମୁଣ୍ଡା । ସ୍ଥାନୀୟ ବଡ଼ବନ୍ଧଠାରୁ ୧୦୮ ପୂର୍ଣ୍ଣକଳସ ସହ ଏହି ମାଙ୍ଗଳିକ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା । ପଣ୍ଡିତ ଦଧିବାମନ ମିଶ୍ର ଓ ପଣ୍ଡିତ ଶଶିଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏଥିରେ ଝାଙ୍କର ଝସକେତନ ବରିହା ଓ ଚନ୍ଦନ ଥନାପତି ସହଯୋଗ କରିଥିଲେ । ଗ୍ରାମର ଗୌନ୍ତିଆ ଶକ୍ତିରାଜ ଭୋଇ ଓ ତାଙ୍କ ସାନଭାଇ ସ୍ୱରାଜ ଭୋଇ (ବାଦଲ)ଙ୍କ ସମେତ ଶତାଧିକ ମହିଳା ଶ୍ରଦ୍ଧାଳୁ ମସ୍ତକରେ ପୂର୍ଣ୍ଣକଳସ ଧାରଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶଙ୍ଖନାଦ, ଘଣ୍ଟଧ୍ୱନି, ହୁଳହୁଳି ଓ ମା’ଙ୍କ ଜୟଜୟକାରରେ ପରିବେଶ ଭକ୍ତିମୟ ହୋଇଉଠିଥିଲା । ମେଲଛାମୁଣ୍ଡାର ମଣ୍ଡଳୀ ସଂକୀର୍ତ୍ତନ, ଜାମପାଲିର ଦୁଲଦୁଲି ବାଦ୍ୟ ଓ ଗଞ୍ଜେଇଲର ଘଣ୍ଟବାଦ୍ୟ ଶୋଭାଯାତ୍ରାର ଆକର୍ଷଣ ବଢ଼ାଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରତ୍ୟୁଷ ଭୋଇଙ୍କ ସମେତ ସଞ୍ଜୀବ ନାୟକ, ପ୍ରଶାନ୍ତ ଦେବତା, ରାଜେନ୍ଦ୍ର ମିଶ୍ର, ବୈକୁଣ୍ଠ ଭୋଇ, ଆନନ୍ଦ ବନଛୋର, ସତ୍ୟବାଦୀ ପଧାନ ଓ ବିନୋଦ ରଣା ପ୍ରମୁଖ ଉପସ୍ଥିତ ଥିଲେ । ଉତ୍ସବର ସୁଚାରୁ ପରିଚାଳନାରେ ଗୋପାଲ ସାହୁ, ସୁନିଲ ଜୈନ, ପ୍ରଦୀପ କଅଁର, ଶୁଭମ ସାହୁ, କିଶୋର ବଗାର, ଚିରଞ୍ଜୀବୀ ମିଶ୍ର (ସିଙ୍କୁ), ଉଦିତ ମିଶ୍ର, ଓମ ପଣ୍ଡା, ରାହୁଲ ବେହେରା, ଲକ୍ଷ୍ମଣ ମହାନନ୍ଦ, ଉମାକାନ୍ତ ଭୋଇ, ମିଲୁ ବନଛୋର, ମୁକୁନ୍ଦ ବାରିକ ଓ ମନୋଜ ମେହେର (ଟିଟି) ପ୍ରମୁଖ ସହଯୋଗ କରିଥିଲେ । ପୂଜା କମିଟିର ସଭାପତି ଅନୀଲ କୁମାର ଭୋଇ, ସମ୍ପାଦକ ସଞ୍ଜୀବ ବାରିକ ଓ ସହସମ୍ପାଦକ ଠାକୁର ସେଠଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ କର୍ମକର୍ତ୍ତାଙ୍କ ଉଦ୍ୟମରେ ଉତ୍ସବଟି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା । ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଦୀର୍ଘ ୯୦ ବର୍ଷ ଧରି ପାଳିତ ହୋଇଆସୁଥିବା ଏହି ଦୁର୍ଗୋତ୍ସବ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ମେଲଛାମୁଣ୍ଡାବାସୀଙ୍କ ଆସ୍ଥା, ଏକତା, ଭାଇଚାରା ଓ ସାଂସ୍କୃତିକ ପରମ୍ପରାର ପ୍ରତୀକ। ପିଢ଼ି ପରେ ପିଢ଼ି ଏହି ପରମ୍ପରାକୁ ଆଗେଇ ନେଉଥିବା ଗ୍ରାମବାସୀଙ୍କ ପାଇଁ ୯୦ତମ ଦୁର୍ଗାପୂଜା ଏକ ଗୌରବମୟ ଅଧ୍ୟାୟ ହୋଇ ରହିଛି । ମା’ ଦୁର୍ଗାଙ୍କ ଆଶୀର୍ବାଦରେ ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ସର୍ବମଙ୍ଗଳ କାମନା କରି ଉତ୍ସବର ମାଙ୍ଗଳିକ ପରିବେଶ ଜାରି ରହିଛି ।

# ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ



ଭବାନୀପାଟଣା,(ସବ୍ୟୁ): ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଏବଂ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ ଦୁଇ ଦିନ ଧରି କଳାହାଣ୍ଡି ଜିଲ୍ଲା ଗସ୍ତ କରି ଜିଲ୍ଲାର ସମସ୍ତ ପିଏମଶ୍ରୀ ବିଦ୍ୟାଳୟକୁ ବୁଲି ଦେଖିବା ସହ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା କରିଛନ୍ତି । ବିଦ୍ୟାଳୟ ପରିଦର୍ଶନ ଓ ସମୀକ୍ଷାରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ନିର୍ଦ୍ଦେଶକଙ୍କ ସହ ଉପସ୍ଥିତ ଥିଲେ। ସେ ବିଦ୍ୟାଳୟର ସୁପରିଚାଳନା ତଥା ଭିତ୍ତିଭୂମି ସମୀକ୍ଷା କରିବା ସହ ଛାତ୍ରଛାତ୍ରୀଙ୍କ ଉନ୍ନତ ପ୍ରଦର୍ଶନ ଓ ବିଦ୍ୟାଳୟରେ ଉତ୍ତମ ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ପ୍ରଦାନ କରିଥିଲେ ।

ଦ୍ୱିତୀୟ ଦିନରେ ଭବାନୀପାଟଣା ଜେଲ ମଧ୍ୟରେ ଥିବା ଅନ୍ତେବାସୀଙ୍କ ସାକ୍ଷରତା ପାଇଁ ପଦକ୍ଷେପ ନେଇ ତାଙ୍କୁ ଉଲ୍ଲାସ ସାକ୍ଷରତା ପୁସ୍ତକ ବଣ୍ଟନ କରିବା ସହ ଜେଲ ମଧ୍ୟରେ ପାଠ ପଢ଼ିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମେଦିନୀପୁର ଗ୍ରାମଠାରେ ବରିଷ୍ଠ ନାଗରିକ ସଂଘଙ୍କ ମାଧ୍ୟମରେ ଗ୍ରାମର ନବସାକ୍ଷରମାନଙ୍କୁ ଉଲ୍ଲାସ ପୁସ୍ତକ ବଣ୍ଟନ କରି ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ । ମେଦିନୀପୁର ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରି ଜିଲ୍ଲା ଶିକ୍ଷା ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରକାଶରେ ଏ ୱାନ ଗ୍ରେଡ ହାସଲ ପାଇଁ ଚିହ୍ନଟ ହୋଇ ସ୍ୱତନ୍ତ୍ର ମାର୍ଗଦର୍ଶନ ଶିବିରରେ ଅଧ୍ୟୟନ କରୁଥିବା ଭବାନୀପାଟଣା ବ୍ଲକର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ। ଅପରାହ୍ନରେ ସମସ୍ତ ବ୍ଲକ ର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର କର୍ମଚାରୀଙ୍କୁ ନେଇ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉନ୍ନତି, ସମସ୍ତ ବିଦ୍ୟାଳୟରେ ଭିତ୍ତିଭୂମିର ବିକାଶ ଏବଂ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ ଶତ ପ୍ରତିଶତ ସାକ୍ଷରତା ହାସଲ କରିବା ପାଇଁ ସେ ସମସ୍ତଙ୍କୁ ଅପିଲ କରିଥିଲେ ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନି, ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ରୁପସିଂ ରାଉତ, ହରିଶ ଚନ୍ଦ୍ର ମୁଣ୍ଡ ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲ୍ଲାରେ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଠିକ ସମୟରେ ନ୍ୟାୟୋଚିତ ପଦୋନ୍ନତି ପ୍ରଦାନ କରାଯାଇଥିବାରୁ ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକଙ୍କ ଏହି ଗସ୍ତ ଜିଲ୍ଲାରେ ଏକ ସକାରାତ୍ମକ ଶୈକ୍ଷିକ ବାତାବରଣ ସୃଷ୍ଟି କରିଥିବା ପରିଲକ୍ଷିତ ହୋଇଥିଲା ।







ସମ୍ବଲପୁରରେ ମାଁ ପାଟଣେଶ୍ୱରୀଙ୍କ ସୁନାବେଶ ସହ ବିଭିନ୍ନ ମଣ୍ଡପରେ ଚାଲିଛି ପୂଜାର୍ଚ୍ଚନା

# ପଦ ପର୍ଯ୍ୟାଦାର ଗାରିମା ରଖନ୍ତୁ ରାଜ୍ୟପାଳ : ନରସିଂହ



ବଲାଙ୍ଗିର,(ସବ୍ୟୁ) : ରାଜ୍ୟପାଳ ଏକ ସାମ୍ବିଧାନିକ ପଦବୀ । ଏହି ପଦବୀର ମର୍ଯ୍ୟାଦା, ଗାରିମା କ୍ଷୁର୍ଣ୍ଣ ହେବା ଉଚିତ୍ ନୁହେଁ, କିନ୍ତୁ ନବ ନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ତାଙ୍କ ନାମ ଘୋଷଣା ହେବା ପରେ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟା ଅତି ନିନ୍ଦନୀୟ ଓ ଅସାମ୍ବିଧାନିକ । ଗଣମାଧ୍ୟମରେ ଯାହା ଜଣା ପଡୁଛି ଯେ ସେ ଓଡିଶାକୁ ଆସି ନିଜ ପୂର୍ବ ଦଳ ପାଇଁ ଭୋଟ ଯୋଗାଡ କରି ଦଳକୁ ଆହୁରି ବଳ ସାଲି କରିବେ ବୋଲି କହିଛନ୍ତି । ଏହା ରାଜ୍ୟପାଳ ଭଳିଆ ଏକ ସାମ୍ବିଧାନିକ ଗାରିମାମୟ ପଦବୀର ବ୍ୟକ୍ତିଙ୍କ ମୁହଁରୁ ଏପରି ବକ୍ତବ୍ୟ ବାହାରିବା ସମ୍ବିଧାନ ବିରୋଧି । ଏଣୁ ସେ ଏହି ପଦବୀ ପାଇଁ ଉପଯୁକ୍ତ ନୁହେଁ । ସେ ସମ୍ବିଧାନକୁ ସମ୍ମାନ ଜଣାଇ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଦାବି କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟପାଳ ଙ୍କ ନିରପେକ୍ଷତାକୁ ନେଇ ଓଡିଶା ରାଜ୍ୟବାସୀଙ୍କ ମନରେ ଆରମ୍ଭରୁ ଆଶଂକା ଦେଖା ଦେଲାଣି । ତାଙ୍କର ବକ୍ତବ୍ୟ ଲୋକଙ୍କ ସ୍ୱାର୍ଥ ବିରୋଧରେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ବର୍ତ୍ତମାନର ରାଜ୍ୟପାଳ ରାଜନୈତିକ ଓ ଦଳୀୟ ଅଭିମୁଖ୍ୟକୁ ପରିହାର କରନ୍ତୁ । ରାଜନୀତିରୁ ଉର୍ଦ୍ଧ୍ୱରେ ରୁହନ୍ତୁ ଏବଂ ଲୋକଙ୍କ ସେବା କରନ୍ତୁ ।

# ସମ୍ବଲପୁର ସହରରେ ପାର୍ବଣର ପରିବେଶ

ସମ୍ବଲପୁର,(ସବ୍ୟୁ) : ଶାରଦୀୟ ଦୁର୍ଗାପୂଜା ପାଇଁ ସମ୍ବଲପୁର ଜିଲ୍ଲାର ପୁରପଲ୍ଲୀରେ ଆଶ୍ୱିନ ଶୁକ୍ଲପକ୍ଷ ମହାଷ୍ଟମୀ ତିଥିରେ ସୁସଜ୍ଜିତ ମଣ୍ଡପ ଗୁଡିକରେ ଜଗଜ୍ଜନନୀ ମାଁ ଦୁର୍ଗାଙ୍କର ଆବାହନ ଆରମ୍ଭ ହୋଇଛି । ସେହିପରି ଦେବୀ ମନ୍ଦିର ଓ ଶକ୍ତିପୀଠ ଗୁଡ଼ିକ ମଧ୍ୟ ଶାରଦୀୟ ପୂଜା ପାଇଁ ଉତ୍ସବ ମୁଖର ହୋଇ ଉଠିଛି । ଏଭଳିସ୍ଥଳେ ସମ୍ବଲପୁର ସହର ସଜେଇ ହୋଇଛି । ସହରର ବିଭିନ୍ନ ଛକ ଓ ପୂଜା ମଣ୍ଡପରେ ରଙ୍ଗୀନ ଆଲୋକମାଳା ଏବଂ ତୋରଣ ପାର୍ବଣର ପରିବେଶ ସୃଷ୍ଟି କରିଛି ।

ସମ୍ବଲପୁର ମହାନଗରରେ ୬୯ଟି ମଣ୍ଡପକୁ ମିଶାଇ ଜିଲ୍ଲାରେ ଶତାଧିକ ସ୍ଥାନରେ ସାର୍ବଜନୀନ ପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ଆହ୍ୱାନ କରାଯାଉଛି । ଚଳିତ ବର୍ଷ ସହରର ବିଭିନ୍ନ ମଣ୍ଡପକୁ ପ୍ରଖ୍ୟାତ ମନ୍ଦିର ଓ ରାଜପ୍ରାସାଦର ଆକୃତିରେ ନିର୍ମାଣ କରାଯାଇଛି । କାଳୀବାଡି ଦୁର୍ଗାପୂଜା ୧୦୮ବର୍ଷରେ ପଦାର୍ପଣ କରିଥିବା ବେଳେ ମାଁ ଏକଚାଲା ମୂର୍ତ୍ତିରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଚଳିତବର୍ଷ ଗୋବିନ୍ଦତୋଲା ସାର୍ବଜନୀନ ଦୁର୍ଗାପୂଜା ୫୮ ବର୍ଷରେ ପହଞ୍ଚିଛି । ନେପାଳ ମନ୍ଦିର ସଦୃଶ୍ୟ ତୋରଣ ମୁଖ୍ୟ ଆକର୍ଷଣ ପାଲଟିଛି। ଦେବୀ ଏବଂ ପାର୍ଶ୍ୱ ଦେବାଦେବୀ ରୌପ୍ୟ ମୁକୁଟରେ ଭୂଷିତ ହୋଇଛନ୍ତି। ହରଡ଼ଯୋର ସେତୁରୁ ଧନୁପାଲି ପର୍ଯ୍ୟନ୍ତ ବହୁ ସଂଖ୍ୟକ ଆକର୍ଷଣୀୟ ତୋରଣ ଓ ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଏଠାରେ ଜଗଜନନୀ ଭୁବନେଶ୍ୱରୀ ରୂପରେ ପୂଜା ପାଇ ଆସୁଛନ୍ତି । ଧନୁପାଲି ଦୁର୍ଗାପୂଜା ରାଜପ୍ରାସାଦରେ ଝଲସୁଛି । ଏହି ସାର୍ବଜନୀନ ଦୁର୍ଗାପୂଜା ୫୨ତମ ବର୍ଷରେ ପହଞ୍ଚିଥିବାବେଳେ ମାଁ ଦଶଭୂଜା ମହିଷାମର୍ଦ୍ଦିନୀ ଦୁର୍ଗା ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ସେହିପରି ୪୭ ବର୍ଷରେ ପହଞ୍ଚିଥିବା ସାକ୍ଷୀଗୋପୀନାଥ ପଡ଼ା ସାର୍ବଜନୀନ ପୂଜାମଣ୍ଡପ ମନ୍ଦିର ଆକୃତି ପାଇଛି । ଦଲେଇପଡ଼ା ପୂଜା ମଣ୍ଡପ ୭ଟି ଆରାଧ୍ୟ ଦେବୀଙ୍କ ଥିମ୍‌କୁ ନେଇ ନିର୍ମାଣ କରାଯାଇଛି । ଏଥିରେ ସପ୍ତଦେବୀଙ୍କ ପ୍ରତିମୂର୍ତ୍ତି ଶୋଭା ପାଉଛି ।



ସମ୍ବଲପୁର ସହରର ଫାଟକ ପୂଜା ମଣ୍ଡପ ୭୩ ବର୍ଷରେ ପହଞ୍ଚିଥିବା ବେଳେ ମଣ୍ଡପ ଓ ତୋରଣକୁ ଅଯୋଧ୍ୟାର ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଆକୃତି କରାଯାଇଛି । ଏଥିସହ ସମ୍ମୁଖକୁ ଏବଂ ସମ୍ପୂର୍ଣ୍ଣ ଓଭରବ୍ରିଜ୍‌କୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି । ଜିଲ୍ଲାସ୍କୁଲ ଛକର ଭବ୍ୟ ପୂଜା ମଣ୍ଡପ ୫୭ବର୍ଷରେ ପହଞ୍ଚିଛି । ହାଟପଡାରେ ୪୦କେଜି ଚାନ୍ଦିର ପରଭା, ଜଙ୍ଗଲ ବୁକ୍ ଥିମରେ ସାଜସଜ୍ଜା କରାଯାଇଛି । ଅନ୍ୟତମ ପୁରାତନ ପୂଜା ମଣ୍ଡପ ରେଳ ନଗରକୁ ଭବ୍ୟ ଆକାରରେ ନିର୍ମାଣ କରାଯାଇଛି । ଏଠାରେ ପ୍ଲାଷ୍ଟିକ ମୁକ୍ତ ଓ ପରିବେଶ ଅନୁକୂଳକୁ ଥିମ୍ କରାଯାଇଛି । ଧନକଉଡାରେ ରାମେଶ୍ୱର ମନ୍ଦିର ଆକୃତିର ପୂଜା ମଣ୍ଡପରେ ଦେବୀ ଦଶଭୂଜା ଦର୍ଶନ ଦେଉଛନ୍ତି । ଚଳିତବର୍ଷ ପଟ୍ଟନାୟକ ପଡା ପୂଜା କମିଟି ୧୨୫ ପୂର୍ତ୍ତି ପାଳନ କରୁଛି । ଏହାବ୍ୟତୀତ ଲକ୍ଷ୍ମୀଟକିଜ ଛକ , ଗୋପାଳମାଲ, କୁଞ୍ଜେଲପଡ଼ା, ସିନ୍ଦୁରପଙ୍କ ଛକ, ଭତରା, ଝାଡୁଆପଡ଼ା, ନନ୍ଦପଡ଼ା, କୁମ୍ଭାରପଡ଼ା, ମହାନ୍ତିପଡ଼ା, ଜେଲଛକ, ବାଲିବନ୍ଧା, କଂସାରୀପଡ଼ା, ଧନକଉଡ଼ା, ସାହେବ ବଙ୍ଗଲାପଡ଼ା, ବଡ଼ବଜାର ବଙ୍ଗାଲିପଡ଼ା, ଅଇଁଠାପାଲି ଢୁକୁପଡ଼ା, କାଇଁସିର ରୋଡ଼, ରେଲୱେ କଲୋନୀ, ଠେଲକୋପଡ଼ା, ଦଲଦଲିପଡ଼ା, ତାଲଭଟାପଡ଼ା, ପଡ଼ିଆବାହାଲ, ସିଟି ରେଲୱେ ଷ୍ଟେସନ ପ୍ରଭୃତି ସ୍ଥାନରେ ନିର୍ମିତ ମନୋରମ ମଣ୍ଡପ ଗୁଡିକରେ ଦୁର୍ଗାଙ୍କୁ ଆବାହନ କରାଯାଉଛି ।

ସମ୍ବଲପୁର ସହରର ସାମିଆ ଗୁଡି ପରିସରରେ ପ୍ରଥମେ ମୃଣ୍ମୟୀ ଦୁର୍ଗାଙ୍କ ସାର୍ବଜନୀନ ପୂଜା ୧୮୮୫ ମସିହା ଆଡ଼କୁ ଆରମ୍ଭ ହୋଇଥିବାର ଜନଶ୍ରୁତି ରହିଛି । ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରତି ମଣ୍ଡପରେ ପୋଲିସ ମୃତୟନ ଓ ସିସିଟିଭି ବ୍ୟବସ୍ଥା କରାଯାଇଛି । ସମ୍ବଲପୁର ସହରରେ ୨୪ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ଏଥିସହ ୪ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପି, ୨୮ଜଣ ଇନ୍ସପେକ୍ଟର ଓ ୬୪ଜଣ ଏସ୍‌ଆଇ/ ଏଏସ୍‌ଆଇ ମଧ୍ୟ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଅଛନ୍ତି ।

# ଡାଲଖାଇର କାଏଲ୍ ଆଏଜ୍ ଆଉ୍ କାଏଲ୍‌ର ଭାବ ବିଚାର କାର୍ଯ୍ୟକ୍ରମ



ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ସଭାଗୃହରେ ପ୍ରୟାସ ପରିବାର ସମ୍ବଲପୁର ପକ୍ଷରୁ ଡାଲଖାଇର କାଏଲ୍ ଆଏଜ୍ ଆଉ୍ କାଏଲ୍‌ର ଭାବବିଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ପ୍ରିୟବ୍ରତ ମିଶ୍ର ମୁଖ୍ୟ ଅତିଥି, ଗୁରୁ ରଞ୍ଜନ ସାହୁ ସମ୍ମାନିତ ଅତିଥି, ଡ. ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ଓ ମାନସ କୁମାର ଷଡଙ୍ଗୀ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଏ ସମ୍ପର୍କରେ ଚର୍ଚ୍ଚା କରିଥିଲେ । ପ୍ରାଧ୍ୟାପକ ସୁନୀଲ ମହାନନ୍ଦ ସମୀକ୍ଷା କରିବା ପରେ ମହେଶ ପଟେଲ ଓ ସାଥି ଡାଲଖାଇ ବଜା ଓ ନାଚ୍ ପ୍ରଦର୍ଶନ୍ କରିଥିଲେ । ଏହାପରେ ପଶ୍ନୋତ୍ତର ଓ ମତାମତ କାର୍ଯ୍ୟକ୍ରମ, ଗୋଷ୍ଠୀ ଆଲୋଚନା କରାଯାଇଥିଲା । ଅର୍ପଣ ଦାଶ ନାୟକ ସ୍ୱାଗତ ଭାଷଣ, ସମ୍ପାଦକ ରାଜକୁମାର ଜାଲ ଉଦ୍ଦେଶ୍ୟ ଜ୍ଞାପନ ଓ ସଭାପତି ସ୍ୱୟଂଜିତ୍ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସ୍ୱନ୍ଦନ ବେହେରା, ସୌରଭ ଛତ୍ରପାଲ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବିଶ୍ୱରାଜ ଭୋଇ, ମାନସ ବକ୍ସି, ସନ୍ତୋଷ ବେହେରା, ବିଶ୍ୱଜିତ୍ , ଅଭୟ ପ୍ରଧାନ ଓ ନିତିଶ ଗୁରୁ ପ୍ରମୁଖ ସହଯୋଗ କରିଥିଲେ ।

## କୋକସରା ସଞ୍ଚ ପରିଦର୍ଶନରେ
# ଏକଲ ଅଭିଯାନର ସମ୍ଭାଗ ଓ ଅଞ୍ଚଳ ସମିତି ପଦାଧିକାରୀ

କୋକସରା,(ସବ୍ୟୁ): ଭବାନୀପାଟଣା ଅଞ୍ଚଳ ସମିତି ପକ୍ଷରୁ କୋକସରା ସଞ୍ଚ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳ ସମିତି ଅଧ୍ୟକ୍ଷା ସୁଶ୍ରୀ ସବିତା ପଟ୍ଟନାୟକଙ୍କ ଅନୁମତିକ୍ରମେ ସଞ୍ଚ ଅଧ୍ୟକ୍ଷ କିଶନ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସମ୍ଭାଗ ସଂରକ୍ଷକ ନିରଞ୍ଜନ ପ୍ରଧାନ, ହରିକଥା ଅଞ୍ଚଳ ପ୍ରଭାରୀ ଶ୍ରୀମତୀ ଜ୍ୟୋତି ପ୍ରଧାନ ଏବଂ କୋକସରା ସଞ୍ଚ କିମା ଜ୍ୟୋତ୍ସ୍ନା ସାହୁ, ଅଞ୍ଚଳ ପ୍ରଶିକ୍ଷଣ ପ୍ରମୁଖ ପ୍ରଭାସ ରାଉତ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥିସହ ସଞ୍ଚ ସମିତିରୁ ସମ୍ପାଦକ ଜନ୍ମେଜୟ ନାଏକ, କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଭବାନୀପାଟଣା ଅଞ୍ଚଳ ସମିତି ଦ୍ୱାରା କୋକସରା ସଞ୍ଚ ସମିତିର ପରିଦର୍ଶନ ବେଳେ ଆୟୋଜିତ ବୈଠକରେ ସଞ୍ଚ ସମିତି ପୂର୍ଣ୍ଣତା , ବିଦ୍ୟାଳୟ ଗ୍ରାମ ସମିତି ପୂର୍ଣ୍ଣାଙ୍ଗ ସହ ବିଦ୍ୟାଳୟ ଗୁଡ଼ିକର ସୁପରିଚାଳନା, ପିଲାମାନଙ୍କ ପଞ୍ଚମୁଖୀ ଶିକ୍ଷା, ଆଚାର୍ଯ୍ୟ ମାନଙ୍କ ସାସ୍ଥ୍ୟ ଓ ପରିବାର ଭଲମନ୍ଦ ଦିଗ ଉପରେ ଆଲୋଚନା ହୋଇଥିଲା । ଏଥିସହ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇ ସଞ୍ଚ ସମିତିରେ ଉପସଭାପତି ଭାବରେ ଦେବୀ ପ୍ରସାଦ ସାହୁ, ଶିକ୍ଷା ପ୍ରଭାରୀ ଭାବରେ ପୂର୍ଣ୍ଣଚନ୍ଦ୍ର ସାହୁ, ମହିଳା ପ୍ରଭାରୀ ଭାବରେ ଦୁଲାରୀ ରାଉତ, ଯୁବା ପ୍ରଭାରୀ ଭାବରେ ଗୋଲାପ ନାଏକ, ସତସଙ୍ଗ ପ୍ରଭାରୀ ଭାବରେ ଟିକେମଣି ମାଝୀ ଏବଂ ଗ୍ରାମ ବିକାଶ ପ୍ରଭାରୀ ଭାବରେ ଏକାମ୍ବର ନାଏକ ଓ ଉଦୟନାଥ ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବୈଠକ ପରେ ବିଦ୍ୟାଳୟ ଗ୍ରାମ ପରିଦର୍ଶନ ସହ ପରିବାର ସଂପର୍କ କରାଯାଇଥିଲା ।

# ଟିହିଲି ଉତ୍ସବ ପୂର୍ବରୁ ଫଟାମୁଣ୍ଡାରେ ସଫେଇ ଅଭିଯାନ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ବରିକେଲ ଗ୍ରାମ ପଞ୍ଚାୟତର ଫଟାମୁଣ୍ଡା ଗାଁରେ ୧୪ତମ ଟିହିଲି ଉତ୍ସବ-୨୦୨୬ ପୂର୍ବରୁ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଗାଁ ସଫେଇ ଅଭିଯାନ ଆୟୋଜିତ ହୋଇଛି । ସଂଘ ସଭାପତି ଗୋବନ୍ଧୁ ଶିକାଙ୍କ ନେତୃତ୍ୱରେ ଗାଁର ବିଭିନ୍ନ ପଡ଼ା ଓ ନଳକୂପ ନିକଟବର୍ତ୍ତୀ ଅଞ୍ଚଳ ସଫା କରାଯାଇଥିଲା । ଏହି ଅଭିଯାନରେ ଫଟାମୁଣ୍ଡା ଗାଁର ଦୁଇଟି ୱାର୍ଡରେ ସଫେଇ କାର୍ଯ୍ୟ କରାଯାଇ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗାଁରେ ସ୍ୱଚ୍ଛତା ବଜାୟ ରଖିବା ସହ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ କରିବା ସଂଘର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ଟିହିଲି ଉତ୍ସବ ପୂର୍ବରୁ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଏଭଳି ସଫେଇ ଅଭିଯାନ କରାଯାଉଛି । ଗାଁର ସ୍ୱଚ୍ଛତା ରକ୍ଷା ପାଇଁ ଯୁବକମାନଙ୍କ ଏହି ସାମୂହିକ ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି । ସଂଘର ଏହି ଉଦ୍ୟମକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି ।

## ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ
# ସରକାରୀ କଳର ଅପବ୍ୟବହାର : ଯୁବ ବିଜେଡି

ଭବାନୀପାଟଣା,(ସବ୍ୟୁ): ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ସମର୍ଥିତ ପ୍ରାର୍ଥୀ ଆର୍ଯ୍ୟା ନାୟକ ସଭାପତି ଭାବରେ ବିଜୟୀ ହୋଇଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥୀ ଅର୍ପିତା ପ୍ରିୟଦର୍ଶିନୀ ସାହୁ ପରାଜିତ ହୋଇଥିଲେ। ଏହି ନିର୍ବାଚନରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନିର୍ବାଚନୀ ସ୍ୱଚ୍ଛତାକୁ ନେଇ ଅନେକ ଗମ୍ଭୀର ଅଭିଯୋଗ ଓ ପ୍ରଶ୍ନ ସୃଷ୍ଟି ହୋଇଛି । ଲିଙ୍ଗଡୋ କମିଶନ ଗାଇଡ ଲାଇନକୁ ଅଣଦେଖା କରିବା ଏବଂ ଶାସକ ଦଳ ପ୍ରାର୍ଥୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପ୍ରଶାସନିକ ଚାପ ରହିଥିବା ଜଣାପଡୁଛି । ଭୋଟ ଦିନ ମଧ୍ୟ ଅନେକ ଘଟଣା ସାମନାକୁ ଆସିଛି ଯାହା ଅଧିକ ସନ୍ଦେହ ସୃଷ୍ଟି କରୁଛି । ଭୋଟ ଚାଲିଲା ଭିତରେ ସକାଳ ୧୦ଘ ପରେ ସମସ୍ତ ପ୍ରାର୍ଥୀଙ୍କ ଏଜେଣ୍ଟ ମାନଙ୍କୁ ବୁଥ ଠାରୁ ବାହାର କରିଦିଆଯାଇଥିଲା । ଏପରିକି ପ୍ରାର୍ଥୀ ମାନଙ୍କୁ ମଧ୍ୟ ବାରଣ କରିଥିବା ଜଣା ପଡିଛି । ପୁରା ଆଚରଣ ବିଧି ଲାଗିଥିବା ସମୟରେ ଜଣେ ଅଧ୍ୟାପକ ଓ ୨ଜଣ ଅତିଥି ଅଧ୍ୟାପକ ସିଧାସଳଖ ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ବିଭିନ୍ନ ଉପାୟରେ ପ୍ରବର୍ତାଇବା ଅଭିଯୋଗ ଆସୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛାତ୍ର ଛାତ୍ରୀ ଭୋଟ ଦେବାପରେ ହାତରେ କାଳି ଲଗାଯାଇ ନଥିଲା କି ପରିଚୟ ପତ୍ରରେ ସିଲ ପଡ଼ିନଥିଲା। ତେଣୁ ନିର୍ବାଚନ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । ଏହି ନିର୍ବାଚନରେ ଶାସକ ଦଳ ନିଜର ସମସ୍ତ କଳ, ବଳ ଓ ଅର୍ଥବଳ ପ୍ରୟୋଗ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉପରେ ଚାପ ସୃଷ୍ଟି କରିଥିବା, ପରିବାର ଓ ସେମାନଙ୍କୁ ଭୟଭୀତ କରିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ବିଜେଡି ପ୍ରାର୍ଥୀଙ୍କୁ ପ୍ରତ୍ୟାହାର ପାଇଁ ମଧ୍ୟ ଅନେକ ଚାପ ସୃଷ୍ଟି କରିବାର ପ୍ରମାଣ ରହିଛି। ଯଦି ଏକ ଶିକ୍ଷାନୁଷ୍ଠାନର ନିର୍ବାଚନରେ ଭୟ, ଚାପ ଓ ଅର୍ଥବଳର ପ୍ରଭାବ ପଡ଼େ, ତେବେ ତାହା କେବଳ ଗୋଟିଏ ପ୍ରାର୍ଥୀ କିମ୍ବା ସଂଗଠନ ପାଇଁ ନୁହେଁ, ବରଂ ସମଗ୍ର ଛାତ୍ର ସମାଜ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ ବୋଲି ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି । ନିର୍ବାଚନରେ ବିଜୟ ଓ ପରାଜୟ ଗଣତନ୍ତ୍ରର ଅଂଶ। ଆମେ ନିର୍ବାଚନୀ ଫଳାଫଳକୁ ସମ୍ମାନ ଦେଉଛୁ, କିନ୍ତୁ ନିର୍ବାଚନ ପ୍ରକ୍ରିୟାରେ ହୋଇଥିବା କଥିତ ଅନିୟମିତତାକୁ ନେଇ ନିରବ ରହିପାରିବୁ ନାହିଁ । ଏଣୁ ସମ୍ପୂର୍ଣ୍ଣ ସିସିଟିଭି ଯାଞ୍ଚ କରିବା ପାଇଁ ଯୁବ ବିଜେଡି ପଦକ୍ଷେପ ଗ୍ରହଣ କରିବ । ଆବଶ୍ୟକତା ପଡିଲେ କୋର୍ଟର ଦ୍ୱାରସ୍ଥ ହେବୁ ବୋଲି ଯୁବ ବିଜେଡି ସଭାପତି ଅବିନାଶ ଠାକୁର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ।

## ରେଳ ଧାରଣାରେ ୨୪ ହାତୀଙ୍କ ଡେରା
# ୪ଟି ଟ୍ରେନ ଅଟକିଲା, ଯାତ୍ରୀ ହନ୍ତସନ୍ତ

ସୁନ୍ଦରଗଡ଼,(ସବ୍ୟୁ) : ଚକ୍ରଧରପୁର ରେଳ ମଣ୍ଡଳ ଅନ୍ତର୍ଗତ ହାୱଡ଼ା-ମୁମ୍ବାଇ ମୁଖ୍ୟ ରେଳପଥର ବନ୍ଧମୁଣ୍ଡା ରେଳଖଣ୍ଡରେ ଜଙ୍ଗଲୀ ହାତୀପଲଙ୍କ ଯୋଗୁଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ବନ୍ଧମୁଣ୍ଡା ଏ କ୍ୟାବିନ ଓ ଡି କ୍ୟାବିନ ମଧ୍ୟରେ ରବିବାର ରାତି ପ୍ରାୟ ୨ଟାରୁ ୨୪ଟି ଜଙ୍ଗଲୀ ହାତୀ ରେଳ ଧାରଣା ଉପରେ ଡେରା ପକାଇଛନ୍ତି । ସକାଳ ହେବା ପରେ ମଧ୍ୟ ହାତୀପଲ ରେଳ ଧାରଣା ଉପରେ ଘୂରି ବୁଲୁଥିବାରୁ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇପାରିନାହିଁ। ହାତୀପଲ ରେଳ ଧାରଣାରୁ ନ ହଟିବାରୁ ଚାରୋଟି ଯାତ୍ରୀବାହୀ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି । ଫଳରେ ରେଳ ଯାତ୍ରୀମାନେ ଦୀର୍ଘ ସମୟ ଧରି ଟ୍ରେନ ଭିତରେ ଅଟକି ରହି ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୧୩୩୫୨ ଧନବାଦ-ଏର୍ଣ୍ଣାକୁଲମ ଆଲାପ୍ପୁଝା ଏକ୍ସପ୍ରେସ ରାତି ପ୍ରାୟ ୧ଟା ୪୫ରୁ ରାଉରକେଲା ଷ୍ଟେସନରେ ଅଟକି ରହିଛି। ସେହିପରି ୧୮୪୦୩ ଧନବାଦ ସ୍ପେଶାଲ ଟ୍ରେନ ସକାଳ ପ୍ରାୟ ୬ଟା ୧୫ରୁ ରାଉରକେଲାରେ ଅଟକିଛି । ୧୩୪୨୫ ସୁରତ-ମାଲଦା ଏକ୍ସପ୍ରେସ ସକାଳ ୬ଟାରୁ ବାଙ୍ଗୁରକେଲା ଷ୍ଟେସନରେ ଏବଂ ୨୦୯୭୧ ଶାଲିମାର ସୁପରଫାଷ୍ଟ ଏକ୍ସପ୍ରେସ ସକାଳ ୭ଟାରୁ କାଲୁଙ୍ଗା ଷ୍ଟେସନରେ ଅଟକି ରହିଛି। ଅନ୍ୟପକ୍ଷରେ, ହାତୀପଲଙ୍କୁ ସୁରକ୍ଷିତ ଭାବେ ରେଳ ଧାରଣାରୁ ହଟାଇବା ପାଇଁ ରାଉରକେଲା ବନ ବିଭାଗର ଟିମ ଘଟଣାସ୍ଥଳରେ ଉଦ୍ୟମ ଜାରି ରଖିଛି । ରେଳବାଇର ବିଭାଗ ମଧ୍ୟ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି । ହାତୀମାନେ ରେଳ ଧାରଣା ଛାଡୁ ନଥିବାରୁ ରେଳ ଚଳାଚଳ ସ୍ୱାଭାବିକ କରିବା ରେଳବାଇ ପାଇଁ ଚ୍ୟାଲେଞ୍ଜ ହୋଇଛି ।

ସୂଚନାଯୋଗ୍ୟ, ଗତ ପ୍ରାୟ ପାଞ୍ଚ ମାସ ଧରି ଏହି ହାତୀପଲ ବାରମ୍ବାର ରେଳ ଅଞ୍ଚଳକୁ ଆସୁଥିବାରୁ ଟ୍ରେନ ଚଳାଚଳ ସହ ଯାତ୍ରୀ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି । ହାତୀପଲଙ୍କୁ କେବେ ସୁରକ୍ଷିତ ଭାବେ ହଟାଯାଉଛି ଏବଂ ରେଳ ଚଳାଚଳ କେବେ ସ୍ୱାଭାବିକ ହେଉଛି, ଏବେ ସମସ୍ତଙ୍କ ନଜର ସେଥିପ୍ରତି ରହିଛି ।

# ଗ୍ରାମାଞ୍ଚଳରେ ବ୍ୟାପକ ହେଉଛି ମରଶରୀର ଦାନ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ଗ୍ରାମାଞ୍ଚଳରେ ମର ଶରୀର ଦାନ କାର୍ଯ୍ୟକ୍ରମ ବ୍ୟାପକ ରୂପ ନେବାରେ ଲାଗିଛି। ଏହି କ୍ରମରେ ସମ୍ବଲପୁର ଜିଲ୍ଲା ଛଛାନପାଲି ବରଗାଁ ବାସିନ୍ଦା ଯମୁନା ପାଣିଗ୍ରାହୀ ସମ୍ପୂର୍ଣ୍ଣ ଶରୀର ଦାନ କରି ଏକ ଉଦାହରଣ ପାଲଟିଛନ୍ତି। ସୂଚନାଯୋଗ୍ୟ, ଏଥିପାଇଁ ଶ୍ରୀମତି ପାଣିଗ୍ରାହୀ ୨ଜାନୁଆରୀ, ୨୦୨୦ରେ ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଶରୀର ଦାନ ପାଇଁ ଇଚ୍ଛାପତ୍ର ସ୍ୱାକ୍ଷର କରିଥିଲେ । ତେବେ ଗତ ୧୭ ତାରିଖ ରାତି ପ୍ରାୟ ୮ ଟାରେ ତାଙ୍କର ପରଲୋକ ହୋଇଥିଲା । ଉତ୍ସର୍ଗ ଅନୁଷ୍ଠାନର ଲକ୍ଷ୍ମଣ ପାଣିଗ୍ରାହୀ ଓ ପରିବାର ବର୍ଗଙ୍କ ଉଦ୍ୟମରେ ରାତି ପ୍ରାୟ ୧୨ଟାରେ ତାଙ୍କର ଚକ୍ଷୁ ଦ୍ୱୟ ଦାନ କରାଯାଇଥିଲା। ବୁର୍ଲା ଭିମସାର ଚକ୍ଷୁ ବିଭାଗର ଡାକ୍ତର ସଞ୍ଜୟ ଦଳେଇ ଓ ଡାକ୍ତର ଅମିତ ପ୍ରଧାନ ଛଛାନପାଲି ଗ୍ରାମକୁ ଯାଇ ଚକ୍ଷୁ ସଂଗ୍ରହ କରିଥିଲେ। ସେହିପରି ରବିବାର ତାଙ୍କର ମରାଶରୀରକୁ ବୁର୍ଲା ଅନାଟୋମୀ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ସ୍ୱର୍ଗୀୟ ପାଣିଗ୍ରାହୀଙ୍କ ପୁତ୍ର ଶରତ ପାଣିଗ୍ରାହୀ ଓ ନାତୀ ଦିବ୍ୟ ପୂଜାରୀ ମରଶରୀର ହସ୍ତାନ୍ତର କରିଥିଲେ । ଅନାଟୋମୀ ବିଭାଗ ପକ୍ଷରୁ ଡାକ୍ତର ତାପସ ତ୍ରିପାଠୀ, ଡାକ୍ତର ଭଗବତ ମୁର୍ମୁ, ଡାକ୍ତର ରୋହିତ ବରିହା ଓ ସ୍ୱାୟଂସିଦ୍ଧାମର ଶରୀର ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଅନାଟୋମୀ ବିଭାଗ ପ୍ରଫେସର ଡାକ୍ତର ମମତା ସର ଓ ଚକ୍ଷୁ ବିଭାଗର ସୁରେଶ ତ୍ରିପାଠୀ ସଂଯୋଜନା କରିଥିଲେ ।

# ମାହେଶ୍ୱରୀ ମନ୍ଦିରଗୁଡ଼ିକରେ ମହାଷ୍ଟମୀ ପୂଜା ଓ ଭାଇଜିଉଁନ୍ତିଆ ପାଳିତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକରେ ଥିବା ବିଭିନ୍ନ ମାହେଶ୍ୱରୀ ମନ୍ଦିର/ ପୀଠ/ଗୁଡ଼ି/ଡାଳତଳ ଗୁଡିକରେ ଦଶହରା ପାର୍ବଣ ପାଇଁ ଚାଲିଥିବା ମାଁ ମାହେଶ୍ୱରୀଙ୍କ ଷୋଳ ଦିନାତ୍ମକ ଖଣ୍ଡାବସା ପୂଜାରେ ରବିବାର ମହାଷ୍ଟମୀ ପୂଜା, ବଡି ଭୋରରୁ ମାଁଙ୍କ ନିକଟରେ ନବାନ୍ନ ଅର୍ପଣ ଓ ସନ୍ଧ୍ୟାରେ ଛତରସ୍ନାନ ଖଣ୍ଡାଧୁଆ ନଗର ପରିକ୍ରମା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ମଧ୍ୟ ପ୍ରତି ଗାଁରେ ଭାଇମାନଙ୍କ ପାଇଁ ଭଉଣୀମାନେ ଶୁଭମନାସି ନିର୍ଜଳା ଉପବାସ ରହି ନିଷ୍ଠାର ସହିତ ସନ୍ଧ୍ୟାରେ ଭାଇଜିଉଁନ୍ତିଆ ପାଳନ କରିଥିଲେ।ବ୍ଲକର ସମସ୍ତ ମାହେଶ୍ୱରୀ ପୀଠଗୁଡିକରେ ଡୁମାଳ ସମାଜର ଇଷ୍ଟ ତଥା କୂଳ ଦେବୀ ମାଁ ମାହେଶ୍ୱରୀଙ୍କ ପୂଜାପାର୍ବଣ ଅତି ଶୃଙ୍ଖଳାର ସହିତ ପାଳନ କରାଯାଇଥିଲା ।ଏହି ଦଶହରା ପାର୍ବଣ ହେଉଛି ଶାନ୍ତି,ମୈତ୍ରୀ,ଓ ଭାଇଚାରା ପର୍ବ ସହିତ ଜାତିର ସଂସ୍କୃତି,ପରମ୍ପରା, ଗର୍ବ,ଗୌରବର ପ୍ରତିକ ଅଟେ । ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ପୁରାତନ ମାହେଶ୍ୱରୀ ମନ୍ଦିର(ଗୁଡ଼ି)ରେ ବିଭିନ୍ନ ରୀତିନୀତି ଅନୁସାରେ ମୂଳାଷ୍ଟମୀ ଦିନରୁ ଷୋହଳ ଦିନ ଧରି ମାଁଙ୍କ ପୂଜାର୍ଚ୍ଚନା କରାଯାଉଥିଲା । ମହାଷ୍ଟମୀ ଦିନ ମଧ୍ୟ ସନ୍ଧ୍ୟାରେ ମାଁଙ୍କ ଛତର ବାଡ଼ି,ଶାଳକା ଆଦି ଗ୍ରାମରେ ଥିବା ପୋଖରୀରେ ସ୍ନାନ ପରେ ଗ୍ରାମର ଅନ୍ୟ ଦେବାଦେବୀ ପୀଠ ଓ ଭାଇଜିଉଁନ୍ତିଆ କୋଠିଗୁଡିକରେ ମାଁଙ୍କ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ଭଉଣୀମାନେ କୋଠିକୁ ବିଜେ କରିଥିବା ମାଁଙ୍କୁ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରି ପ୍ରଥମେ ଜିଉନ୍ତିଆ ବାନ୍ଧିଥିଲେ । ପରେ ମାଁ ଗ୍ରାମର ସମସ୍ତ ଘରକୁ ଘର ବୁଲି ଆଶୀର୍ବାଦ ଦେଇଥିଲେ । ଯମୁନା ମାହେଶ୍ୱରୀ ମନ୍ଦିରରେ ପୂଜକ ରୂପେ ଦୁର୍ଯ୍ୟୋଧନ ପାଣିଗ୍ରାହୀ, ଦେହେରୀ ଭାବେ ଶିବାନନ୍ଦ ମହାକୁର, ପ୍ରକାଶନନ୍ଦ ମହାକୁର,ନୂଆଁ ବରୁଆ କୃଷ୍ଣଚନ୍ଦ୍ର ପାତ୍ର,ନୃପ ଗଡୁଆ, ଜୟରାମ ଥନାପତି,ଚରଣ ମହାକୁର,ନିତ୍ୟାନନ୍ଦ ମହାକୁର,ଡଗର ମହାକୁର, ଚୈତନ୍ୟ ଛନ୍ଦ,ଦେବେନ୍ଦ୍ର ପଧାନ,ଭିକାରୀ ପାତ୍ର, ଲୋଚନ ମହାକୁର,ମଧୁସୂଦନ କର୍ମୀ, ଉଦ୍ରାଧର ମହାକୁର, ଜେହେରୁ ମହାକୁର,ଦିଲ୍ଲୀପ କର୍ଣ୍ଣ,ସୁରକାର ଚାଉଳିଆ, ଗୁର୍ଜୁ ମହାକୁର,ନଟବର ମେର୍ଲି, ଗାନ୍ଧୀଲାଲ ମହାକୁର, ଗୌତମ ଡାଙ୍ଗ,ସୁରେଶ ପଧାନ, କୈଳାସ ମହାକୁର,ବଂଶୀଧର ମହାକୁର, ଦିବାକର ମହାକୁର, ଗୌତମ ମହାକୁର,ମକାରୁ ମହାକୁର, ସଚ୍ଚିଦାନନ୍ଦ ମହାକୁର,ଭବନାନନ୍ଦ ମହାକୁର ଓ ଲୋକେଶ ମହାକୁରଙ୍କ ସହ ଯମୁନା ଓ ଡଙ୍ଗରପଡ଼ା ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ । ସେହିପରି ବ୍ଲକର ମୁରିବାହାଲ ସଦର ମହକୁମା,ଖରାଲି,ଜାମିପଡା, ବାରବନ୍ଧ, ବାଗବାହାଲି, ଚଣାବାହାଲ, ଦନ୍ଦରା, କୁମ୍ଭାରୀ ଆଦି ଗ୍ରାମରେ ଥିବା ମାହେଶରୀ ମନ୍ଦିର/ପୀଠ/ଗୁଡ଼ି/ଡାଳତଳଗୁଡିକରେ ମଧ୍ୟ ଚଳିତ ବର୍ଷର ଦଶହରା ମହୋତ୍ସବ ଉପଲକ୍ଷେ ମହାଷ୍ଟମୀ ପୂଜା ଓ ଗାଁ ଗାଁରେ ଭାଇଜିଉନ୍ତିଆ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ସୋମବାର ପୀଠଗୁଡ଼ିକରେ ମହାନବମୀ ପୂଜା ପରେ ପୂର୍ବାହ୍ନରେ ଡୁମାଳ ସମାଜର ସମସ୍ତେ ଏକାଠି ବସି ନୂଆଁ ଅନ୍ନ ଖାଇବା ପରେ ଦଶହରା ପର୍ବ ପୂର୍ଣ୍ଣାହୁତି ହେବ ବୋଲି ଜଣାପଡିଛି।



# ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ଶିଳାନ୍ୟାସ



ଝାରସୁଗୁଡା,(ସବ୍ୟୁ) : ଝାରସୁଗୁଡ଼ା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କିମିରା ବ୍ଲକ ଅନ୍ତର୍ଗତ ପିଡବୁଡ଼ି ରାସ୍ତାରୁ ମହାଲିଙ୍ଗ ପଡା, ପିଡବୁଡ଼ି ରାସ୍ତାରୁ ରକ୍ସାପଡା ଏବଂ ପିଡବୁଡ଼ି ରାସ୍ତାରୁ ହଣ୍ଡାତପା ପର୍ଯ୍ୟନ୍ତ ପ୍ରାୟ ଅଢେଇ କୋଟି ଟଙ୍କା ର ରାସ୍ତା ନିର୍ମାଣ ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀ ଶନିବାର ପୂଜାର୍ଚ୍ଚନା ସହ ଶିଳାନ୍ୟାସ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମହାଲିଙ୍ଗ ପଡା ରାସ୍ତା ପାଇଁ ୪୦.୮ ଲକ୍ଷ ଟଙ୍କା, ରକ୍ସାପଡା ରାସ୍ତା ପାଇଁ ୧ କୋଟି ୮ ଲକ୍ଷ ଟଙ୍କା ଏବଂ ହଣ୍ଡାତପା ରାସ୍ତା ନିର୍ମାଣ ପାଇଁ ୧ କୋଟିରୁ ଉର୍ଦ୍ଧ ଟଙ୍କା ମଂଜୁର କରାଯାଇଛି । ଏହି ରାସ୍ତା ନିର୍ମାଣ ପାଇଁ ବହୁ ବର୍ଷରୁ ଗ୍ରାମବାସୀ ଦାବି କରି ଆସୁଥିଲେ । ଏହି ରାସ୍ତା ନିର୍ମାଣ ଫଳରେ ଅଂଚଳରେ ରହୁଥିବା ଜନସାଧାରଣଙ୍କ ଆର୍ଥିକ ଉନ୍ନତି ହେବା ସହ ଗମନାଗମନର ସୁବିଧା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଲେଙ୍କା, ବିଜେପି ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ, ଝସକେତନ ପ୍ରଧାନ, ବିଜୟ ଶର୍ମା। ପ୍ରମୁଖଙ୍କ ସମେତ ବହୁସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ସମ୍ପାଦକୀୟ



## ବାଗ୍ମୀ ବିଶ୍ୱନାଥଙ୍କ ସ୍ମରଣେ...

ସେ ଜନ୍ମ ହୋଇଥିଲେ ୧୮୬୪ ମସିହା ଡିସେମ୍ବର ୨୪ ତାରିଖରେ । ଅବିଭକ୍ତ କଟକ ଓ ଏବର ଯାଜପୁର ଜିଲ୍ଲା ଅନ୍ତର୍ଗତ ମୂଳବସନ୍ତ ଗ୍ରାମରେ । ଓଡ଼ିଶାର ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ମରହଟ୍ଟା ଶାସନକର୍ତ୍ତାଙ୍କୁ ଚିଠି ଲେଖି ମହାରାଷ୍ଟ୍ରରୁ ଯେଉଁ କରବଂଶୀ ବ୍ରାହ୍ମଣମାନଙ୍କୁ ବିରୂପା ନଦୀ ତଟରେ ଥଇଥାନ କରିଥିଲେ, ସେହି ଗ୍ରାମର ନାମ ଥିଲା 'ମୂଳବସତି' । କ୍ରମେ ତାହା 'ମୂଳବସନ୍ତ' ଗ୍ରାମ ଭାବେ ପରିଚିତ ହୋଇଥିଲା । ସେହି ବଂଶରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ ଭୂମିଷ୍ଠ ହୋଇଥିଲେ ବିଶ୍ୱନାଥ କର । ତାଙ୍କର ଅଧ୍ୟୟନ, ଅଧ୍ୟବସାୟ ଓ ବାଗ୍ମିତା ହିଁ ତାଙ୍କୁ ଓଡ଼ିଶାରେ 'ବାଗ୍ମୀ ବିଶ୍ୱନାଥ କର' ଭାବେ ପରିଚିତ କରାଇଥିଲା । ଓଡ଼ିଶଆ ସାହିତ୍ୟ, ସଂସ୍କୃତି ତଥା ପତ୍ରିକା ପ୍ରକାଶନ ଓ ସମ୍ପାଦନା କ୍ଷେତ୍ରରେ ତାଙ୍କର ଦକ୍ଷତା ବିଷୟରେ ଏବର ଯୁବପିଢ଼ି ଜାଣିବା ଆବଶ୍ୟକ । ସେ ମଧ୍ୟ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭା (ବିଧାନସଭା)ରେ ସଦସ୍ୟ (ବିଧାୟକ) ଥିଲେ । ମନେହୁଏ, ଆଜିର ଅନେକ ବିଧାୟକ ବା ମନ୍ତ୍ରୀ ମଧ୍ୟ ସେ କଥା ହୁଏତ ଜାଣିଥିବେ ବା ଜାଣି ନ ଥିବେ । ପବିତ୍ର ଦଶହରା ଉତ୍ସବରେ ଯେତେବେଳେ ସମଗ୍ର ଓଡ଼ିଶାବାସୀ ନିମଗ୍ନ, ୧୯୩୪ ମସିହାର ଅକ୍ଟୋବର ୧୭ ତାରିଖରେ ବିଶ୍ୱନାଥ ଅସୁସ୍ଥ ହୋଇପଡ଼ିଥିଲେ । ଏହାର ପରେ ଅକ୍ଟୋବର ୧୯ ତାରିଖ (୧୯୩୪)ରେ ସେ ଆମ ଗହଣରୁ ବିଦାୟ ନେଇ ସ୍ୱର୍ଗାରୋହଣ କରିଥିଲେ । ଏକ ବରପୁତ୍ରଙ୍କର ଦେହାବସାନ ଘଟିଥିଲା ।

ତତ୍କାଳୀନ ଇଂରେଜ ସରକାର ବାଗ୍ମୀ ବିଶ୍ୱନାଥଙ୍କର ଜନମଙ୍ଗଳ କାର୍ଯ୍ୟର ସ୍ୱୀକୃତି ପାଇଁ ୧୯୩୧ ମସିହାରେ ତାଙ୍କୁ ସମ୍ମାନସୂଚକ 'ରାୟସାହେବ' ଉପାଧି ପ୍ରଦାନ କରିଥିଲେ । ମାତ୍ର ସେ ଇଂରେଜ ସରକାରଙ୍କଠାରୁ ମିଳିଥିବା ସେହି ଉପାଧିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଦୁଃଖର ସହିତ ସେ ଇଂରେଜ ସରକାରଙ୍କୁ ପତ୍ର ଲେଖି ତାହାକୁ ପ୍ରତ୍ୟାର୍ପଣ କରିଥିଲେ । ଏପରି ଦୃଷ୍ଟାନ୍ତ ସେତେବେଳେ ଓଡ଼ିଶାରେ ତାଙ୍କର ମର୍ଯ୍ୟାଦା ବଢ଼ାଇଥିଲା । ଏବେ ଇଂରେଜ ଅମଳର ସେହି 'ସାର୍' ବା 'ରାୟସାହେବ' ଉପାଧି ଆଉ ନାହିଁ । ସ୍ୱାଧୀନ ଭାରତରେ ସେ ସବୁ ପରିବର୍ତ୍ତେ ପଦ୍ମଶ୍ରୀ, ପଦ୍ମଭୂଷଣ ଓ ପଦ୍ମବିଭୂଷଣ ବା ଭାରତରତ୍ନ ଉପାଧି ସବୁ ବେସାମରିକ ସ୍ତରରେ ପ୍ରଚଳିତ ହୋଇଛି । ମାତ୍ର ସେଥିପାଇଁ ମଧ୍ୟ, ହୀନପ୍ରତିଯୋଗିତା ଆମମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଦୁଃଖର ବିଷୟ ।

ତାଙ୍କର ଜୀବନ ଥିଲା ବୈଚିତ୍ର୍ୟମଣ୍ଡିତ । ବହୁ ସୁଗୁଣର ସେ ଅଧିକାରୀ ଥିଲେ । ସେ ବ୍ରାହ୍ମ ଧର୍ମାବଲମ୍ବୀ ଥିଲେ । ବିହାର-ଓଡ଼ିଶା କାଉନସିଲ (ବିଧାସଭା)ରେ ତାଙ୍କର ପ୍ରଥମ ବକ୍ତୃତା ଥିଲା ବେଶ ପ୍ରଭାବଶାଳୀ । ମାତ୍ର ପ୍ରଚଳିତ ଇଂରାଜୀ ଭାଷା ପରିବର୍ତ୍ତେ ସେ ନିଜ ମାତୃଭାଷା ଓଡ଼ିଆରେ ବକ୍ତୃତା ଆରମ୍ଭ କରି ଏକ ଉଦାହରଣ ସୃଷ୍ଟି କରିଥିଲେ । ଅଣଓଡ଼ିଆ ସଦସ୍ୟଗଣ ତାହାର ପ୍ରତିବାଦ କରି ତାଙ୍କୁ ଇଂରାଜୀରେ ବକ୍ତୃତା ଦେବାକୁ ଦାବି କରିଥିଲେ । ମାତ୍ର ସେହି ପ୍ରତିବାଦର ଉତ୍ତର ସେ ଏହିପରି ଭାବେ ଦେଇଥିଲେ- ''ଓଡ଼ିଆ ଏକ ସ୍ୱୀକୃତ ପ୍ରାଚୀନ ଭାଷା । ମୁଁ ଓଡ଼ିଆ, ମୋର ଭାଷା ଓଡ଼ିଆ, ମୋର ଓଡ଼ିଆ ଜିଭକୁ କାଟିଦେବାର ଅଧିକାର ଏଠାରେ କୌଣସି ମାନ୍ୟବର ସଭ୍ୟଙ୍କର ନାହିଁ । ମୋତେ ଓଡ଼ିଆ ଭାଷାରେ କୁହାଇ ନ ଦେବାକୁ ଅପଚେଷ୍ଟା କରିବାର ପରୋକ୍ଷ ଅର୍ଥ ଯେ ମୋର ପରମାରାଧ୍ୟା ଉତ୍କଳମାତା ଓ ଉତ୍କଳ ଭାରତୀଙ୍କ ପ୍ରତି ଉପେକ୍ଷା ଓ ଅସମ୍ମାନ ପ୍ରଦର୍ଶନ ଛଡ଼ା ଆଉ କିଛି ନୁହେଁ । ଏହା ବିରୋଧକାରୀ ସଭ୍ୟବନ୍ଧୁମାନେ ଶୀତଳ ମସ୍ତିଷ୍କରେ ହୃଦୟଙ୍ଗମ କରିବା ଉଚିତ ।'' (ବାଗ୍ମୀ ବିଶ୍ୱନାଥ, ଲେଖକ କୃଷ୍ଣଚନ୍ଦ୍ର କର, ପୃଷ୍ଠା ଅଠାବନରୁ ଉଦ୍ଧୃତ) ।

ତତ୍କାଳୀନ ଇଂରେଜ ସରକାର ବାଗ୍ମୀ ବିଶ୍ୱନାଥଙ୍କର ଜନମଙ୍ଗଳ କାର୍ଯ୍ୟର ସ୍ୱୀକୃତି ପାଇଁ ୧୯୩୧ ମସିହାରେ ତାଙ୍କୁ ସମ୍ମାନସୂଚକ 'ରାୟସାହେବ' ଉପାଧି ପ୍ରଦାନ କରିଥିଲେ । ମାତ୍ର ସେ ଇଂରେଜ ସରକାରଙ୍କଠାରୁ ମିଳିଥିବା ସେହି ଉପାଧିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଦୁଃଖର ସହିତ ସେ ଇଂରେଜ ସରକାରଙ୍କୁ ପତ୍ର ଲେଖି ତାହାକୁ ପ୍ରତ୍ୟାର୍ପଣ କରିଥିଲେ । ଏପରି ଦୃଷ୍ଟାନ୍ତ ସେତେବେଳେ ଓଡ଼ିଶାରେ ତାଙ୍କର ମର୍ଯ୍ୟାଦା ବଢ଼ାଇଥିଲା । ଏବେ ଇଂରେଜ ଅମଳର ସେହି 'ସାର୍' ବା 'ରାୟସାହେବ' ଉପାଧି ଆଉ ନାହିଁ । ସ୍ୱାଧୀନ ଭାରତରେ ସେ ସବୁ ପରିବର୍ତ୍ତେ ପଦ୍ମଶ୍ରୀ, ପଦ୍ମଭୂଷଣ ଓ ପଦ୍ମବିଭୂଷଣ ବା ଭାରତରତ୍ନ ଉପାଧି ସବୁ ବେସାମରିକ ସ୍ତରରେ ପ୍ରଚଳିତ ହୋଇଛି । ମାତ୍ର ସେଥିପାଇଁ ମଧ୍ୟ, ହୀନପ୍ରତିଯୋଗିତା ଆମମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଦୁଃଖର ବିଷୟ ।

'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦନା ଓ ପ୍ରକାଶନ କ୍ଷେତ୍ରରେ ତାଙ୍କର ବଳିଷ୍ଠ ଅବଦାନକୁ ଭୁଲିହେବ ନାହିଁ । ମୁଦ୍ରଣଜନିତ ତ୍ରୁଟି ଦେଖି ସେ ପୁସ୍ତକ ବା ପତ୍ରିକା ପ୍ରକାଶନ ପୂର୍ବରୁ ଫାର୍ମା କାଗଜରେ ଅଗ୍ନି ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଉଥିଲେ ।

ବିଶ୍ୱନାଥଙ୍କ ସମ୍ପର୍କରେ କବିବର ରାଧାନାଥ ରାୟଙ୍କ ସୁପୁତ୍ର, ସାହିତ୍ୟିକ ସ୍ୱର୍ଗୀୟ ଶଶୀଭୂଷଣ ରାୟ ଏକଦା ଲେଖିଥିଲେ, 'ଉତ୍କଳରେ ମାସିକ ସାହିତ୍ୟ ପତ୍ରିକାର ଯୁଗ ପ୍ରବର୍ତ୍ତକ ରୂପେ ତୁମର ନାମ ଅକ୍ଷୟ ହୋଇ ରହିଥିବ, ଏଥିରେ ସନ୍ଦେହ ନାହିଁ ।' ସ୍ୱର୍ଗୀୟ କରଙ୍କର ଅବଦାନ ବାସ୍ତବରେ ଅବିସ୍ମରଣୀୟ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କଂଗ୍ରେସର ଅପପ୍ରଚାର ଓ ଅବିଶ୍ୱାସର ରାଜନୀତି : ଗଣତନ୍ତ୍ର ପାଇଁ ଆହ୍ୱାନ



ରାଜନାଥ ସିଂହ

କୁହାଯାଏ ଯେ ପ୍ରାୟତଃ ସତ୍ୟ ଯୁଦ୍ଧର ପ୍ରଥମ ଶିକାର ହୋଇଥାଏ । ଏହା ରାଜନୈତିକ ପ୍ରତିଯୋଗିତାଗୁଡ଼ିକରେ ମଧ୍ୟ କ୍ରମଶଃ ସତ୍ୟ ହେବାରେ ଲାଗିଛି, ଯେଉଁଠାରେ ସତ୍ୟ ନିରପେକ୍ଷ ରାଜନୀତି ସାଧାରଣ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବରେ ଉଭା ହେଉଛି । ଏପରି ପରିସ୍ଥିତିରେ, ମିଥ୍ୟା ପ୍ରଚାର, ଭ୍ରମାତ୍ମକ ବିବରଣୀ ଏବଂ ଅଯୌକ୍ତିକ ଭାବନାତ୍ମକ ଆବେଦନଗୁଡ଼ିକ ପ୍ରାୟତଃ ବସ୍ତୁନିଷ୍ଠ ତଥ୍ୟ ଓ ଯାଞ୍ଚଯୋଗ୍ୟ ପ୍ରମାଣକୁ ଘୋଡ଼ାଇ ଦିଅନ୍ତି । ଏହା ସହିତ, ଯୁକ୍ତିଯୁକ୍ତ ଆଲୋଚନା ବଦଳରେ ଉତ୍ତେଜନାତ୍ମକ ବକ୍ତବ୍ୟ ସ୍ଥାନ ନିଏ ।

ତଥ୍ୟଭିତ୍ତିକ ଆଲୋଚନା ଯାହା ଥରେ ଶିକ୍ଷାଗତ ବିତର୍କର ବିଷୟ ଥିଲା ଏବେ ପ୍ରତିଦିନର ରାଜନୀତିର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି । ଜନସାଧାରଣଙ୍କୁ ଭ୍ରମିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଭୁଲ ସୂଚନା ଅଭିଯାନଗୁଡ଼ିକ କେବଳ ଜନମତକୁ ପ୍ରଭାବିତ କରିବା ପାଇଁ ନୁହେଁ ବରଂ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ବଦନାମ କରିବା ପାଇଁ ମଧ୍ୟ ବର୍ଦ୍ଧିତ ଭାବରେ ବ୍ୟବହୃତ ହେଉଛି । ଅଭିଯୋଗଗୁଡ଼ିକୁ ବାରମ୍ବାର ଦୋହରାଯାଉଛି ଏବଂ ଅତିରଞ୍ଜିତ କରାଯାଉଛି, ଯଦିଓ ସେଗୁଡ଼ିକୁ ପ୍ରମାଣିତ କରିବା ପାଇଁ କୌଣସି ଆଧାର ନାହିଁ । ଏଭଳି ପରିସ୍ଥିତିରେ, କେବଳ ଯେ ସତ୍ୟ ପ୍ରଥମେ ବଳି ପଡୁଛି ତାହା ନୁହେଁ, ବରଂ ଭବିଷ୍ୟତରେ ସତ୍ୟ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଯିବାର ଆଶଙ୍କା ମଧ୍ୟ ରହିଛି ।

ଭାରତର ରାଜନୈତିକ ପରିବେଶ ମଧ୍ୟ ଏହି ସତ୍ୟକୁ ଗୌଣ କରୁଥିବା ଧାରାରୁ ମୁକ୍ତ ନୁହେଁ । ବିରୋଧୀ ଦଳ ମଧ୍ୟରେ ଥିବା କିଛି ଗୋଷ୍ଠୀ କ୍ରମାଗତ ଭାବେ ଜନସାଧାରଣଙ୍କ କ୍ରୋଧକୁ ଉସୁକାଉଛନ୍ତି, ଭୁଲ୍ ତଥ୍ୟ ପ୍ରଚାର କରୁଛନ୍ତି ଏବଂ ଅପପ୍ରଚାରକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରି ଅରାଜକତା ସୃଷ୍ଟି କରୁଛନ୍ତ । ସେମାନେ ଜାତୀୟ ସ୍ୱାର୍ଥ ଅପେକ୍ଷା ନିଜର ସ୍ୱାର୍ଥପର ରାଜନୈତିକ ଉଦ୍ଦେଶ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ।

ଏହି ଲେଖାର ଉଦ୍ଦେଶ୍ୟ ବିରୋଧୀ ଦଳ ଉପରେ କଠୋର ଆକ୍ରମଣ କରିବା କିମ୍ବା ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକ ସମାଲୋଚନାର ଊର୍ଦ୍ଧ୍ୱରେ ବୋଲି ଦାବି କରିବା ନୁହେଁ । ମତଭେଦ ହେଉଛି ଗଣତନ୍ତ୍ରର ଜୀବନ ତଥାପି, ଏହା ମିଥ୍ୟା ପ୍ରଚାର ପାଇଁ ଲାଇସେନ୍ସ ପ୍ରଦାନ କରେ ନାହିଁ । ଯଦିଓ ଭଲ ନୀତି ନିର୍ଦ୍ଧାରଣ ପାଇଁ ମତଭେଦ ଅତ୍ୟାବଶ୍ୟକ, ଏହା ଜନସାଧାରଣଙ୍କ ବିଶ୍ୱାସ ଉପରେ ନିରନ୍ତର ଆକ୍ରମଣକୁ ଯଥାର୍ଥ କରେ ନାହିଁ । ତେଣୁ ଉଦ୍ଦେଶ୍ୟ ହେଉଛି ଏହି ମିଥ୍ୟାକୁ ଚ୍ୟାଲେଞ୍ଜ କରିବା ଏବଂ ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ପୁନଃସ୍ଥାପିତ କରିବା, ଯାହା ଅବିଶ୍ୱାସର ନିନ୍ଦନୀୟ ରାଜନୀତି ଦ୍ୱାରା କ୍ଷୟ ହୋଇଛି ।

କିଛି ବିରୋଧୀ ଗୋଷ୍ଠୀ ବାରମ୍ବାର ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଉଥିବା ସତ୍ୟକୁ ଲୁଚାଇବା ପାଇଁ ଯେତେବେଳେ ନିର୍ବାଚନୀ ଅନୁଷ୍ଠାନ ଓ ପ୍ରକ୍ରିୟାଗୁଡ଼ିକୁ ଆକ୍ରମଣର ଲକ୍ଷ୍ୟ କରନ୍ତି, ସେତେବେଳେ ଏହି ପ୍ରସଙ୍ଗଟି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଉଠେ । ବିଶେଷ ଭାବରେ ତିନୋଟି ବିଷୟ ଏଠାରେ ଉଲ୍ଲେଖନୀୟ: ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ରେ ହେରଫେର କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ, ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସଆଇଆର) କୁ ନେଇ ବିବାଦ ଏବଂ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରିବା ପାଇଁ କରାଯାଉଥିବା ଅନୈତିକ ପ୍ରୟାସ ।

ପ୍ରଥମ କଥା ହେଲା, ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଇଭିଏମ୍‌ରେ ହେରଫେର କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ କରାଯାଇ ଆସୁଛି । ସୁପ୍ରିମକୋର୍ଟ ଏଭଳି ଅଭିଯୋଗଗୁଡ଼ିକୁ ଅନେକ ଥର ଯାଞ୍ଚ କରିଛନ୍ତି । ଶେଷରେ, ୨୦୨୪ ମସିହାରେ 'ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ବନାମ ଭାରତୀୟ ନିର୍ବାଚନ ଆୟୋଗ' ମାମଲାରେ, ସୁପ୍ରିମକୋର୍ଟ ସମସ୍ତ ସନ୍ଦେହର ଅନ୍ତ ଘଟାଇଲେ ଏବଂ ପୁନର୍ବାର କାଗଜ ବାଲଟ୍ ବ୍ୟବସ୍ଥାକୁ ଫେରିବା ପାଇଁ କରାଯାଉଥିବା ଦାବିକୁ ଖାରଜ କରିଦେଲେ । ସୁପ୍ରିମକୋର୍ଟ ମତ ଦେଲେ ଯେ, କୌଣସି ଦୃଢ ପ୍ରମାଣ କିମ୍ବା ତଥ୍ୟ ବିନା କେବଳ ସନ୍ଦେହ ଓ ଆଶଙ୍କା ଆଧାରରେ ବାରମ୍ବାର ଏଭଳି ପ୍ରଶ୍ନ ଉଠାଇବା ନିନ୍ଦନୀୟ ଏବଂ ଅବାଞ୍ଛିତ ଅଟେ । କିନ୍ତୁ ଏହା ସତ୍ତ୍ୱେ ବିରୋଧୀ ଦଳଗୁଡ଼ିକ ସେହି ସମାନ ମିଥ୍ୟା ଅଭିଯୋଗକୁ ବାରମ୍ବାର ଦୋହରାଇବାରୁ ନିବୃତ୍ତ ହେଲେ ନାହିଁ ।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏକ ଉଦାହରଣ ଯେ, କିପରି କିଛି ଲୋକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଏକ ଆଇନଗତ ଭାବେ ସଠିକ୍ ଏବଂ ପ୍ରଶାସନିକ ଦୃଷ୍ଟିରୁ ଯଥାର୍ଥ ପ୍ରକ୍ରିୟାକୁ ସନ୍ଦେହ ଘେରକୁ ଟାଣି ଆଣିଛନ୍ତି ।

୨୦୨୫ ମସିହାରେ, 'ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ବନାମ ଭାରତୀୟ ନିର୍ବାଚନ ଆୟୋଗ' ମାମଲାରେ ସୁପ୍ରିମକୋର୍ଟ ନିଜ ରାୟରେ ସ୍ପଷ୍ଟ କରିଥିଲେ ଯେ, ଭୋଟର ତାଲିକାର ନିର୍ଭୁଲତା ଓ ବିଶ୍ୱସନୀୟତା ହେଉଛି ଏକ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ମୂଳଦୁଆ । କୋର୍ଟ କହିଥିଲେ ଯେ, ଭୋଟର ତାଲିକାର ସଠିକତା, ସମ୍ପୂର୍ଣ୍ଣତା ଏବଂ ବିଶ୍ୱସନୀୟତା ସୁନିଶ୍ଚିତ କରିବା କେବଳ ଯଥାର୍ଥ ନୁହେଁ, ବରଂ ଏହା ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ଥିବା ସାମ୍ବିଧାନିକ ଦାୟିତ୍ୱର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ ।

ଭୋଟର ତାଲିକାର ସଂଶୋଧନ ପାଇଁ ଉପସ୍ଥାପିତ କାରଣଗୁଡ଼ିକର ଏକ ବିଶ୍ୱସନୀୟ ନିର୍ବାଚନୀ ପ୍ରକ୍ରିୟା ବଜାୟ ରଖିବା ସହିତ ପ୍ରତ୍ୟକ୍ଷ ଓ ଯୁକ୍ତିସଙ୍ଗତ ସମ୍ପର୍କ ରହିଛି ବୋଲି ମଧ୍ୟ ଅଦାଲତ ମତ ଦେଇଥିଲେ । ଏହି ପର୍ଯ୍ୟବେକ୍ଷଣଗୁଡ଼ିକ ଏକ ମୌଳିକ ନୀତିକୁ ଦୃଢ଼ୀଭୂତ କରିଥିଲା: ଭୋଟ ଅଧିକାରକୁ ସୁରକ୍ଷା ଦେବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କୁ ସୁରକ୍ଷା ଦେବା ସହିତ, ଭୋଟର ତାଲିକା ସଠିକ, ସମ୍ପୂର୍ଣ୍ଣ ଏବଂ ନିର୍ଭରଯୋଗ୍ୟ ହେବା ମଧ୍ୟ ନିଶ୍ଚିତ କରିବା ଆବଶ୍ୟକ ।

ଇଭିଏମ୍ ଏବଂ ଏସଆଇଆର ବ୍ୟତୀତ, ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ଏବଂ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ସଂସ୍ଥାକୁ ବଦନାମ କରିବା ପାଇଁ କିଛି ରାଜନୈତିକ ବର୍ଗ ଏକ ନିରନ୍ତର ଅଭିଯାନ ଚଳାଯାଇଛି । ପ୍ରାୟ ସାତ ଦଶନ୍ଧି ଧରି, କଂଗ୍ରେସ ସରକାରମାନେ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ଉପରେ କାର୍ଯ୍ୟନିର୍ବାହୀ ନିୟନ୍ତ୍ରଣ ବଜାୟ ରଖିଥିଲେ । ବିରୋଧୀ ଦଳ ନେତାଙ୍କୁ ଅନ୍ତର୍ଭୁକ୍ତ କରି ଏକ ବହୁ-ସଦସ୍ୟ ଚୟନ କମିଟି ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାକୁ ସଂସ୍ଥାଗତ କରି ଆମର ସରକାର ଏହାକୁ ପରିବର୍ତ୍ତନ କରିଛି ।

ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ସ୍ୱାଧୀନତା ପ୍ରତି ସମ୍ମାନ ପ୍ରଦର୍ଶନ କରିବା କ୍ଷେତ୍ରରେ କଂଗ୍ରେସ ଦଳର ରେକର୍ଡ ବିଶେଷ ଉତ୍ସାହଜନକ ନୁହେଁ । ୧୯୫୧ ମସିହାରେ, ସେତେବେଳର ସରକାର ସୁପ୍ରିମକୋର୍ଟଙ୍କ ଏକ ରାୟକୁ ଓଲଟାଇବା ପାଇଁ ପ୍ରଥମ ସାମ୍ବିଧାନିକ ସଂଶୋଧନ ଆଣିଥିଲେ, ଯାହା ବାସ୍ତବରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୀମିତ କରିଦେଇଥିଲା ।

ଜରୁରୀକାଳୀନ ପରିସ୍ଥିତି ସମୟରେ, ସରକାର ନିଜ ସ୍ୱାର୍ଥ ହାସଲ କରିବା ପାଇଁ ସାମ୍ବିଧାନିକ ସଂଶୋଧନଗୁଡ଼ିକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ । ଏହି ସଂଶୋଧନଗୁଡ଼ିକ ମାଧ୍ୟମରେ, ଜରୁରୀକାଳୀନ ପରିସ୍ଥିତି ଘୋଷଣାକୁ ନ୍ୟାୟିକ ସମୀକ୍ଷା ପରିସରରୁ ବାହାରେ ରଖାଗଲା ଏବଂ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନକୁ ମଧ୍ୟ ନ୍ୟାୟିକ ଯାଞ୍ଚରୁ ସୁରକ୍ଷିତ କରାଗଲା । ଏହା ବ୍ୟତୀତ, ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିମାନଙ୍କୁ ବ୍ୟାପକ ରିହାତି ପ୍ରଦାନ କରାଗଲା ଏବଂ ନ୍ୟାୟିକ ସମୀକ୍ଷାର ପରିସରକୁ ସଙ୍କୁଚିତ କରିଦିଆଗଲା । ଏହିପରି ଭାବରେ, ସମ୍ବିଧାନ ସଂଶୋଧନ କରିବାର କ୍ଷମତା-ଯାହା ପ୍ରକୃତରେ ସାମ୍ବିଧାନିକ ସଂସ୍କାର ପାଇଁ ଏକ ମାଧ୍ୟମ ହେବା କଥା ଥିଲା-ତାହା କାର୍ଯ୍ୟପାଳିକାର କ୍ଷମତା ବିସ୍ତାର କରିବାର ଏକ ଉପକରଣରେ ପରିଣତ ହୋଇଗଲା ।

କେବଳ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ଦଳିମକଚି ଦିଆଯାଇନଥିଲା, ବରଂ ନାଗରିକମାନଙ୍କ ମାନବାଧିକାର ମଧ୍ୟ ଉଲ୍ଲଂଘନ କରାଯାଇଥିଲା । ତତ୍କାଳୀନ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରି ଆଟର୍ଣ୍ଣି ଜେନେରାଲ୍ ନିରେନ୍ ଦେ କହିଥିଲେ ଯେ, ଯଦି ବ୍ୟକ୍ତିଗତ ଶତ୍ରୁତା କାରଣରୁ କୌଣସି ପୁଲିସ ଅଧିକାରୀଙ୍କ ଦ୍ୱାରା ଜଣେ ନିର୍ଦ୍ଦୋଷ ବ୍ୟକ୍ତି ହତ୍ୟାର ଶିକାର ହୁଅନ୍ତି, ତେବେ ମୃତକଙ୍କ ପରିବାର ନ୍ୟାୟିକ ପ୍ରତିକାର ପାଇଁ ମଧ୍ୟ ଅଦାଲତର ଆଶ୍ରୟ ନେଇପାରିବେ ନାହିଁ ।

ବର୍ତ୍ତମାନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ସମ୍ବିଧାନକୁ କିପରି ସମ୍ମାନ ଦିଆଯାଇଛି, ତାହା ସହିତ ଏହାର ତୁଳନା କରନ୍ତୁ । ସଂସଦର ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତା ଦ୍ୱାରା ପାରିତ ହୋଇଥିବା ୯୯ତମ ସମ୍ବିଧାନ ସଂଶୋଧନ ଆଇନକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିଲେ । ଏହି ରାୟକୁ କେବଳ ସମ୍ମାନ ଦିଆଯାଇନଥିଲା, ବରଂ ଅନ୍ୟ କୌଣସି ପରୋକ୍ଷ ଆଇନ ପ୍ରଣୟନ ମାଧ୍ୟମରେ ଏହାକୁ ସ୍ଥାପିତ କରିବା ପାଇଁ ମଧ୍ୟ କୌଣସି ଉଦ୍ୟମ କରାଯାଇନଥିଲା । ସମ୍ବିଧାନ ଏବଂ ଏହାର ନୀତିଗୁଡ଼ିକ ପ୍ରତି ଥିବା ଏହି ସମ୍ମାନ, ଦେଶ ସମ୍ମୁଖରେ ଥିବା କେତେକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ଆମର ଦୃଷ୍ଟିକୋଣକୁ ମଧ୍ୟ ପରିଚାଳିତ କରିଛି ।

ସୁପ୍ରିମକୋର୍ଟଙ୍କ ରାୟ ପରେ ହିଁ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯେତେବେଳେ ଧାରା ୩୭୦ ଉଚ୍ଛେଦ କରାଗଲା ଏବଂ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତିକୁ କାଏମ ରଖିଲେ, ସେତେବେଳେ ମଧ୍ୟ ବିରୋଧୀ ଦଳର ଅନେକ ନେତା ଏହି ରାୟ ସହ ଏକମତ ହୋଇନଥିଲେ ।

କଂଗ୍ରେସ ଦଳ ସାମ୍ବିଧାନିକ ପ୍ରକ୍ରିୟା ଏବଂ ପଦବୀଗୁଡ଼ିକୁ ମଧ୍ୟ ବାଦ୍ ଦେଇନାହିଁ । ଲୋକସଭା ବାଚସ୍ପତି ଯେତେବେଳେ କେବଳ ବିରୋଧୀ ଦଳର ନେତାଙ୍କୁ ନିୟମ ପାଳନ କରିବାକୁ କହିଥିଲେ, ସେତେବେଳେ ତାଙ୍କ ବିରୋଧରେ ଏକ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା ।

ସତ୍ୟଠାରୁ ଦୂରେଇ ଯାଉଥିବା ରାଜନୀତି ଜାତୀୟ ସୁରକ୍ଷା ଭଳି ବିଷୟକୁ ମଧ୍ୟ ବ୍ୟାପିଯାଇଛି । ୨୦୧୯ ମସିହାରେ, କଂଗ୍ରେସର ଜଣେ ନେତା ସୁପ୍ରିମକୋର୍ଟଙ୍କ ରାଫେଲ୍ ରାୟ ସହ ଜଡ଼ିତ ଏକ ସ୍ଲୋଗାନକୁ ଭୁଲ୍ ଭାବରେ ଉପସ୍ଥାପନ କରିଥିଲେ ଏବଂ ପରେ ଅଦାଲତ ଅବମାନନା ମାମଲାରେ ବିନା ସର୍ତ୍ତରେ କ୍ଷମା ମାଗିଥିଲେ । ଅଗଷ୍ଟ ୨୦୨୫ରେ, ଭାରତୀୟ ଭୂଖଣ୍ଡ ଅକ୍ତିଆର ହେବା ନେଇ ରାହୁଲ ଗାନ୍ଧୀ କରିଥିବା ଦାବିଗୁଡ଼ିକର ଆଧାର ଉପରେ ସୁପ୍ରିମକୋର୍ଟ ପୁନର୍ବାର ପ୍ରଶ୍ନ ଉଠାଇଥିଲେ ଏବଂ ଏହି ଦାବିଗୁଡ଼ିକ ସପକ୍ଷରେ କ'ଣ ବିଶ୍ୱସନୀୟ ପ୍ରମାଣ ରହିଛି, ତାହା ପଚାରିଥିଲେ ।

ମତଭେଦକୁ ସମ୍ମାନ ଦେବା ସର୍ବଦା ଆମର ଗଣତାନ୍ତ୍ରିକ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି । ସଂସଦରେ ପାରିତ ତିନୋଟି କୃଷି ଆଇନକୁ ନେଇ ଯେତେବେଳେ ଲୋକମାନେ ନିଜର ଉଦ୍‌ବେଗ ପ୍ରକାଶ କରିଥିଲେ, ସେତେବେଳେ ଆମେ କେବଳ ସେହି ଉଦ୍‌ବେଗଗୁଡ଼ିକୁ ଶୁଣିନଥିଲୁ, ବରଂ ବ୍ୟାପକ ଜନସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଆଇନଗୁଡ଼ିକୁ ପ୍ରତ୍ୟାହାର ମଧ୍ୟ କରିଥିଲୁ । ଗଣତନ୍ତ୍ରରେ କୌଣସି ନିଷ୍ପତ୍ତି ସହ ଅସହମତ ହେବାର ସ୍ୱାଧୀନତା ସମସ୍ତଙ୍କର ରହିଛି । କିନ୍ତୁ ଏପରି ମତଭେଦ ମିଥ୍ୟା ଉପରେ ଆଧାରିତ ହୋଇପାରିବ ନାହିଁ କିମ୍ବା ଏହାର ଉଦ୍ଦେଶ୍ୟ ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି କରିବା ହୋଇପାରିବ ନାହିଁ । ଡ. ବି. ଆର୍. ଆମ୍ବେଦକର, ସମ୍ବିଧାନ ସଭାରେ ଦେଇଥିବା ତାଙ୍କର ସେହି ପ୍ରସିଦ୍ଧ ଭାଷଣରେ ସମ୍ବିଧାନ-ବିରୋଧୀ ପନ୍ଥା ଆପଣାଇବାର ବିପଦ ବିଷୟରେ ଚେତାବନୀ ଦେଇଥିଲେ । ତାଙ୍କର ଏହି ବାର୍ତ୍ତା ଆଜି ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ । ବିରୋଧୀ ଦଳର ନେତାମାନେ ଏହି ଐତିହାସିକ ଭାଷଣକୁ ପଢ଼ିବା ଉଚିତ୍ ଏବଂ ଗଣତନ୍ତ୍ରରେ ମତଭେଦ ଓ ଅରାଜକତା ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟକୁ ବୁଝିବା ଆବଶ୍ୟକ ।

ଆମେ ବିଶ୍ୱାସ କରୁ ଯେ ଏକ ସକ୍ରିୟ ଗଣତନ୍ତ୍ରର ମୂଳଦୁଆ କେବଳ ରାଜନୈତିକ ସମାନତା ଉପରେ ନୁହେଁ, ବରଂ ଅର୍ଥନୈତିକ ଓ ସାମାଜିକ ନ୍ୟାୟ ଉପରେ ମଧ୍ୟ ନିର୍ଭର କରେ । ଆମ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ଏହି ନୀତି ଉପରେ ଆଧାରିତ । ଏଥିସହିତ, ଏକ ସ୍ଥିର ଓ ପରିପକ୍ୱ ଗଣତନ୍ତ୍ର ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଅସହମତି ଓ ଉଦ୍‌ବେଗଗୁଡ଼ିକୁ ବୈଧ ତଥା ଗଣତାନ୍ତ୍ରିକ ମାଧ୍ୟମରେ ପ୍ରକାଶ କରାଯିବା ଉଚିତ ଏବଂ ବିଶୃଙ୍ଖଳାର ଆଶ୍ରୟ ନନେଇ ଆଲୋଚନା ଓ ପାରସ୍ପରିକ ବୁଝାମଣା ମାଧ୍ୟମରେ ସେଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ ।

ବର୍ତ୍ତମାନର ଆବଶ୍ୟକତା ହେଉଛି, ରାଜନୈତିକ ପରାଜୟରୁ ସୃଷ୍ଟି ହେଉଥିବା ନିରାଶା କାରଣରୁ ଯେପରି ଆମର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ କିମ୍ବା ଭାରତର ବିକାଶ ବାଧାପ୍ରାପ୍ତ ନହୁଏ, ତାହା ସୁନିଶ୍ଚିତ କରିବା । ଯେଉଁମାନେ ନିଜର ବିଫଳତାର କାରଣ ଖୋଜିବା ବଦଳରେ ବ୍ୟବସ୍ଥାକୁ ହିଁ ବଦନାମ କରିବାକୁ ଚାହାଁନ୍ତି, ସେମାନଙ୍କ ଦ୍ୱାରା ଦେଶର ପ୍ରଗତିକୁ କୌଣସି ପରିସ୍ଥିତିରେ ମଧ୍ୟ ବାଧାପ୍ରାପ୍ତ ହେବାକୁ ଦିଆଯିବ ନାହିଁ ।

**(ରାଜନାଥ ସିଂହ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରୀ )**

# ଉତ୍କଳର ଉତ୍କର୍ଷ ହିଁ ମା' ଦୁର୍ଗାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି



ମନମୋହନ ସାମଲ

ଶାରଦୀୟ ଦୁର୍ଗୋତ୍ସବ ଶକ୍ତି, ସାହସ, ସତ୍ୟ, ନ୍ୟାୟ ଓ ଅସ୍ତ୍ର ଉପରେ ସତ୍ର ବିଜୟର ମହାନ ପ୍ରତୀକ । ମା' ଦୁର୍ଗାଙ୍କ ଆଗମନରେ ପ୍ରତ୍ୟେକ ହୃଦୟ ଭକ୍ତି ଓ ଆନନ୍ଦରେ ଉଲ୍ଲସିତ ହୋଇଉଠୁଛି । ମଣ୍ଡପରେ ମଣ୍ଡପରେ ଶଙ୍ଖଧ୍ୱନି, ଘଣ୍ଟନାଦ ଓ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଆମେ ମା'ଙ୍କ ନିକଟରେ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା ପାଇଁ ପ୍ରସ୍ତୁତ । କିନ୍ତୁ ଏହି ପବିତ୍ର ଅବସରରେ ଆମେ ନିଜକୁ ଏକ ପ୍ରଶ୍ନ ପଚାରିବା ଉଚିତ-ମା' ଦୁର୍ଗାଙ୍କ ପ୍ରତି ଆମର ଭକ୍ତି କେବଳ ପୂଜାମଣ୍ଡପ, ଆଲୋକସଜ୍ଜା ଓ ଆଡ଼ମ୍ବର ମଧ୍ୟରେ ସୀମିତ ରହିବ, ନା ଆମେ ନିଜ କର୍ମ, କର୍ତ୍ତବ୍ୟ ଓ ସମାଜ ପ୍ରତି ଦାୟିତ୍ୱ ମାଧ୍ୟମରେ ଏହାକୁ ବାସ୍ତବ ରୂପ ଦେବା?

ମୋ ଦୃଷ୍ଟିରେ, ଉତ୍କଳର ଗୌରବ, ଓଡ଼ିଶାର ଉତ୍କର୍ଷତା ଓ ଓଡ଼ିଆ ଜାତିର ସାମଗ୍ରିକ ସମୃଦ୍ଧିକୁ ବାସ୍ତବ ରୂପ ଦେବା ହିଁ ମା' ଦୁର୍ଗାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ରାଜ୍ୟର ପ୍ରତ୍ୟେକ ଶିଶୁ ଉତ୍ତମ ଶିକ୍ଷା ପାଇବ, ପ୍ରତ୍ୟେକ ଯୁବକଯୁବତୀ ନିଜ ଯୋଗ୍ୟତା ଅନୁଯାୟୀ କାମ ପାଇବେ, ପ୍ରତ୍ୟେକ ପରିବାର ସ୍ୱାସ୍ଥ୍ୟସେବା ପାଇବେ ଏବଂ ପ୍ରତ୍ୟେକ ଗାଁ ବିକାଶର ଆଲୋକରେ ଉଦ୍‌ଭାସିତ ହେବ, ସେହି ଓଡ଼ିଶା ହିଁ ହେବ ମା'ଙ୍କ ପାଇଁ ଆମର ସର୍ବଶ୍ରେଷ୍ଠ ଉପହାର। କାର୍ଯ୍ୟତଃ ଐତିହ୍ୟର ଗୌରବରୁ ବିକାଶର ଶିଖର ଆଡ଼କୁ ଆଗେଇବା ।

ଉତ୍କଳର ଇତିହାସ ଗୌରବମୟ । କଳିଙ୍ଗର ବୀରତ୍ୱ, ଓଡ଼ିଶାର ମନ୍ଦିର ସ୍ଥାପତ୍ୟ, ଜଗନ୍ନାଥ ସଂସ୍କୃତିର ସାର୍ବଜନୀନ ବାର୍ତ୍ତା, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସେବା ଓ ତ୍ୟାଗ, ମଧୁସୂଦନ ଦାସଙ୍କ ଜାତୀୟ ଚେତନା ଏବଂ ଅନେକ ମହାପୁରୁଷଙ୍କ ଅବଦାନ ଆମକୁ ସଦା ପ୍ରେରଣା ଦେଇଆସିଛି । ଏହି ମାଟି କେବଳ ଖଣିଜ ସମ୍ପଦରେ ସମୃଦ୍ଧ ନୁହେଁ ଏହାର ମାନବ ସମ୍ପଦ, ସଂସ୍କୃତି, ପରମ୍ପରା ଓ ସୃଜନଶୀଳତା ମଧ୍ୟ ଅମୂଲ୍ୟ ।

କିନ୍ତୁ ଇତିହାସର ଗୌରବକୁ ନେଇ ଗର୍ବ କରିବା ସହିତ ବର୍ତ୍ତମାନର ଦାୟିତ୍ୱକୁ ମଧ୍ୟ ଆମକୁ ବୁଝିବାକୁ ହେବ । ପୂର୍ବପୁରୁଷମାନେ ଯେଉଁ ଗୌରବମୟ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ, ତାହାକୁ ଆଗାମୀ ପିଢ଼ି ପାଇଁ ଆହୁରି ସମୃଦ୍ଧ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ । ଓଡ଼ିଶାର ପରିଚୟ କେବଳ ଅତୀତର ଗୌରବରେ ସୀମିତ ନରହି, ବର୍ତ୍ତମାନର ସଫଳତା ଓ ଭବିଷ୍ୟତର ସମ୍ଭାବନାରେ ମଧ୍ୟ ପ୍ରତିଫଳିତ ହେବା ଦରକାର ।

ଆଜି ଆମ ସମ୍ମୁଖରେ ଆହ୍ୱାନ ହେଉଛି-ଉତ୍କଳର ଉତ୍କର୍ଷତାକୁ କେବଳ ସ୍ଲୋଗାନରେ ନୁହେଁ, ବରଂ ଲୋକଙ୍କ ଜୀବନରେ ଦୃଶ୍ୟମାନ ପରିବର୍ତ୍ତନ ମାଧ୍ୟମରେ ପ୍ରତିଷ୍ଠା କରିବା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦୀଙ୍କ ମାର୍ଗଦର୍ଶନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଓ କାର୍ଯ୍ୟକାରିତା ସହିତ ରାଜ୍ୟବାସୀଙ୍କ ସକ୍ରିୟ ସହଯୋଗକୁ ଆଧାର କରି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ଆଗକୁ ବଢ଼ି ଚାଲିଛି । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ, ଦୀର୍ଘମିଆଦୀ ଯୋଜନା, ସ୍ୱଚ୍ଛ ପ୍ରଶାସନ ଓ ଯୋଜନାର ସଠିକ୍ କାର୍ଯ୍ୟକାରିତା ଏହି ଲକ୍ଷ୍ୟ ହାସଲରେ ଗୁରୁତ୍ୱପୂର୍ଣ୍ଣ ।

ତେବେ ବିକାଶର ଅର୍ଥ କେବଳ ବଡ଼ ବଡ଼ ପ୍ରକଳ୍ପ, ନୂଆ ରାସ୍ତା, ଉଚ୍ଚ ଅଟ୍ଟାଳିକା କିମ୍ବା ଶିଳ୍ପ ପ୍ରତିଷ୍ଠା ନୁହେଁ । ବିକାଶର ପ୍ରକୃତ ମାପକାଠି ହେଉଛି ସାଧାରଣ ମଣିଷର ଜୀବନରେ ଆସୁଥିବା ପରିବର୍ତ୍ତନ । ଜଣେ ଚାଷୀ ତାଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଉଛନ୍ତି କି ନାହିଁ, ଜଣେ ଗରିବ ରୋଗୀ ସୁଲଭ ଚିକିତ୍ସା ପାଉଛନ୍ତି କି ନାହିଁ, ଜଣେ ଛାତ୍ର ଗୁଣାତ୍ମକ ଶିକ୍ଷା ଲାଭ କରୁଛନ୍ତି କି ନାହିଁ ଏବଂ ଜଣେ ଯୋଗ୍ୟ ଯୁବକ ନିଜ ଦକ୍ଷତା ଅନୁଯାୟୀ ରୋଜଗାର କରିପାରୁଛନ୍ତି କି ନାହିଁ-ଏହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ବିକାଶର ସଫଳତାକୁ ପ୍ରମାଣିତ କରିବ ।

ସରକାରଙ୍କ ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ଶେଷ ଧାଡ଼ିରେ ଥିବା ମଣିଷ ପାଖରେ ପହଞ୍ଚେ, ସେଥିପାଇଁ ପ୍ରଶାସନକୁ ଉତ୍ତରଦାୟୀ ହେବାକୁ ପଡ଼ିବ ।

ଓଡ଼ିଶା ପ୍ରାକୃତିକ ସମ୍ପଦରେ ସମୃଦ୍ଧ । ଲୁହାପଥର, କୋଇଲା, ବକ୍ସାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବଡ଼ ସମ୍ଭାବନା ସୃଷ୍ଟି କରିଛିଛ କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି-ଏହି ସମ୍ପଦର ଉପଯୁକ୍ତ ବିନିଯୋଗରୁ ସାଧାରଣ ଓଡ଼ିଆ କେତେ ଲାଭବାନ ହେଉଛନ୍ତି?

ଖଣିଜ ସମ୍ପଦର ଉପଯୋଗ କେବଳ ଉତ୍ପାଦନ ଓ ରାଜସ୍ୱ ବୃଦ୍ଧିରେ ସୀମିତ ରହିବା ଉଚିତ ନୁହେଁ । ଏହାକୁ ଆଧାର କରି ରାଜ୍ୟରେ ଅଧିକ ମୂଲ୍ୟଯୁକ୍ତ ଶିଳ୍ପ, ଉତ୍ପାଦନ କେନ୍ଦ୍ର, ଗବେଷଣା ସଂସ୍ଥା ଓ କୌଶଳ ବିକାଶ କେନ୍ଦ୍ର ପ୍ରତିଷ୍ଠା ହେବା ଆବଶ୍ୟକ । ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଯୁବକଯୁବତୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ । ଯେଉଁ କାର୍ଯ୍ୟକୁ ଓଡ଼ିଶା ସରକାର ଆଗେଇ ନେଉଥିବା ବେଳେ ଏହା ଅନେକଙ୍କ ସହ୍ୟ ହେଉ ନାହିଁ ଏହା ସତ୍ୟ ।

ଓଡ଼ିଶାର ଭବିଷ୍ୟତ ଗଠନରେ ଶିଳ୍ପାୟନ ଏକ ମୁଖ୍ୟ ଭୂମିକା ନେଇପାରେ । ଇସ୍ପାତ, ଆଲୁମିନିୟମ୍, ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତି, ନବୀକରଣଯୋଗ୍ୟ ଶକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ନିବେଶ ବୃଦ୍ଧି ହେଲେ ଅର୍ଥନୀତିକୁ ନୂଆ ଗତି ମିଳିପାରିବ । ଏଥିପାଇଁ ନିବେଶକଙ୍କୁ ଆବଶ୍ୟକ ସୁବିଧା ଦେବା ସହିତ ଶ୍ରମିକଙ୍କ ଅଧିକାର, ପରିବେଶ ଓ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ମଧ୍ୟ ଜରୁରୀ ।

ଏକ ଶିଳ୍ପ ପ୍ରତିଷ୍ଠା ହେଲେ ତାହା କେବଳ ଏକ ଉତ୍ପାଦନ କେନ୍ଦ୍ର ନୁହେଁ ଏହା ହଜାର ହଜାର ପରିବାରର ଆଶା, ଜୀବିକା ଓ ଭବିଷ୍ୟତ ସହ ଜଡ଼ିତ । ତେଣୁ ନୂଆ ନିବେଶ ସହ ଯୋଗ୍ୟତାଭିତ୍ତିକ ନିଯୁକ୍ତି, ସ୍ଥାନୀୟ ଯୁବକଯୁବତୀଙ୍କ ପ୍ରଶିକ୍ଷଣ ଓ ଉଦ୍ୟୋଗୀ ସୃଷ୍ଟିକୁ ପ୍ରାଥମିକତା ଦେବାକୁ ପଡ଼ିବ ।

ମୋର ଦୃଢ଼ ମତ ହେଉଛି, ଓଡ଼ିଶାରେ ଜନ୍ମ ନେଇଥିବା ଯୁବକଯୁବତୀଙ୍କୁ ନିଜ ମାଟିରେ ଯୋଗ୍ୟତା ଓ ଦକ୍ଷତା ଅନୁଯାୟୀ କାମ କରିବାର ସୁଯୋଗ ମିଳିବା ଦରକାର । ଏଥିରେ ଅନ୍ୟ ରାଜ୍ୟର ଯୋଗ୍ୟ ପ୍ରାର୍ଥୀଙ୍କ ପ୍ରତି ଅନ୍ୟାୟ କରିବାର ପ୍ରଶ୍ନ ନାହିଁ ବରଂ ଓଡ଼ିଆ ଯୁବସମାଜକୁ ଆବଶ୍ୟକ ଶିକ୍ଷା, କୌଶଳ ଓ ପ୍ରଶିକ୍ଷଣ ଦେଇ ପ୍ରତିଯୋଗିତାରେ ସମର୍ଥ କରିବା ହେଉଛି ଆମର ଲକ୍ଷ୍ୟ ।

ଯେତେବେଳେ ଜଣେ ଯୁବକ ଚାକିରି ଖୋଜି ନିଜ ଗାଁ, ପରିବାର ଓ ରାଜ୍ୟ ଛାଡ଼ିବାକୁ ବାଧ୍ୟ ହୁଏ, ସେତେବେଳେ ତାହା କେବଳ ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ ଏହା ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥା ପାଇଁ ମଧ୍ୟ ଏକ ଚିନ୍ତାର ବିଷୟ । ଯୁବକଯୁବତୀଙ୍କୁ ନିଜ ମାଟିରେ ସମ୍ମାନଜନକ ରୋଜଗାର ମିଳିଲେ ପରିବାର ଦୃଢ଼ ହେବ, ଗାଁର ଅର୍ଥନୀତି ସମୃଦ୍ଧ ହେବ ଓ ରାଜ୍ୟର ଉନ୍ନତି ତ୍ୱରାନ୍ୱିତ ହେବ ।

ଆଜିର ଯୁବପିଢ଼ି କେବଳ ଆଗାମୀ କାଲିର ନାଗରିକ ନୁହେଁ ସେମାନେ ବର୍ତ୍ତମାନର ବିକାଶର ମଧ୍ୟ ମୁଖ୍ୟ ଅଂଶୀଦାର । ସେମାନଙ୍କ ପାଖରେ ଅଛି ନୂଆ ଚିନ୍ତାଧାରା, ପ୍ରଯୁକ୍ତିଜ୍ଞାନ, ସୃଜନଶୀଳତା ଓ କିଛି ନୂଆ କରି ଦେଖାଇବାର ଅଦମ୍ୟ ଇଚ୍ଛା । କିନ୍ତୁ ଏହି ସାମର୍ଥ୍ୟକୁ ସଠିକ୍ ଦିଗ ଦେବା ପାଇଁ ଉତ୍ତମ ଶିକ୍ଷା, ଆଧୁନିକ ପ୍ରଶିକ୍ଷଣ, ଗବେଷଣାର ସୁଯୋଗ, ସହଜ ଋଣ ଓ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉପଯୁକ୍ତ ପରିବେଶ ଆବଶ୍ୟକ ।

ଆମ ଯୁବକଯୁବତୀମାନେ କେବଳ ଚାକିରି ଖୋଜୁଥିବା ଲୋକ ନ ହୋଇ ନିଯୁକ୍ତି ସୃଷ୍ଟି କରୁଥିବା ଉଦ୍ୟୋଗୀ ହୁଅନ୍ତୁ । କୃଷି, ମତ୍ସ୍ୟଚାଷ, ପଶୁପାଳନ, ପର୍ଯ୍ୟଟନ, ହସ୍ତଶିଳ୍ପ, ଡିଜିଟାଲ୍ ସେବା ଓ ନୂତନ ପ୍ରଯୁକ୍ତି କ୍ଷେତ୍ରରେ ଛୋଟ ଛୋଟ ଉଦ୍ୟମ ଆରମ୍ଭ କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହନ ଦେବା ଦରକାର । ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା ଓ ବ୍ୟାଙ୍କ ମିଳିତ ଭାବେ କାମ କଲେ ଏକ ନୂଆ ଉଦ୍ୟୋଗୀ ପିଢ଼ି ଗଢ଼ିଉଠି ପାରିବ ।

ଏହା ସହିତ ଯୁବପିଢ଼ି ମଧ୍ୟ ନିଜ ଦାୟିତ୍ୱ ବୁଝିବା ଆବଶ୍ୟକ । କଠିନ ପରିଶ୍ରମ, ଶୃଙ୍ଖଳା, ସତ୍ୟନିଷ୍ଠା, ନିରନ୍ତର ଶିକ୍ଷା ଓ ସମାଜ ପ୍ରତି ସମ୍ବେଦନଶୀଳତାକୁ ଜୀବନର ମୂଳମନ୍ତ୍ର କରିବାକୁ ହେବ । ଅସଫଳତାକୁ ଭୟ ନକରି ନୂଆ ସୁଯୋଗ ଖୋଜିବା ଓ ନିଜ ଦକ୍ଷତାକୁ ନିରନ୍ତର ବିକଶିତ କରିବା ହିଁ ସଫଳତାର ପଥ । ଏହା ସହିତ ବିକାଶର ଅର୍ଥ ସେତେବେଳେ ପୂର୍ଣ୍ଣ ହେବ, ଯେତେବେଳେ ରାଜ୍ୟର ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକ ମଧ୍ୟ ସହରବାସୀଙ୍କ ପରି ମୌଳିକ ସୁବିଧା ପାଇପାରିବେ । ଗାଁରେ ଉନ୍ନତ ବିଦ୍ୟାଳୟ, ଦକ୍ଷ ଶିକ୍ଷକ, ଡିଜିଟାଲ୍ ଶିକ୍ଷା ଓ ବୃତ୍ତିମୂଳକ ପ୍ରଶିକ୍ଷଣର ବ୍ୟବସ୍ଥା ହେବା ଦରକାର । ଆର୍ଥିକ ଅଭାବ ଯୋଗୁଁ ଯେପରି କୌଣସି ପ୍ରତିଭାବାନ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର ଓ ସମାଜ ଉଭୟଙ୍କୁ ଦାୟିତ୍ୱ ନେବାକୁ ହେବ । ସେହିପରି ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା, ଗ୍ରାମୀଣ ଡାକ୍ତରଖାନାରେ ଡାକ୍ତର ଓ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଯତ୍ନ ନେବା ଏବଂ ଗରିବ ଲୋକଙ୍କୁ ସୁଲଭ ଚିକିତ୍ସା ପ୍ରଦାନ କରିବା ଅତ୍ୟନ୍ତ ଆବଶ୍ୟକ । ଉନ୍ନତ ରାସ୍ତା, ରେଳ ସଂଯୋଗ, ସାର୍ବଜନୀନ ପରିବହନ ଓ ଡିଜିଟାଲ୍ ଯୋଗାଯୋଗ ରାଜ୍ୟର ଗ୍ରାମ ଓ ସହର ମଧ୍ୟରେ ଦୂରତା କମାଇପାରିବ ।

ପ୍ରଯୁକ୍ତିର ସଠିକ୍ ବ୍ୟବହାର ଦ୍ୱାରା କୃଷକ ବଜାର ସୂଚନା ପାଇପାରିବେ, ଛାତ୍ରଛାତ୍ରୀ ଉଚ୍ଚମାନର ଶିକ୍ଷା ସମ୍ବଳ ପାଇପାରିବେ ଓ ଛୋଟ ଉଦ୍ୟୋଗୀ ନିଜ ଉତ୍ପାଦକୁ ବଡ଼ ବଜାରରେ ପହଞ୍ଚାଇପାରିବେ । ଏହିପରି ଭାବେ ବିକାଶର ସୁଫଳ ସମାଜର ପ୍ରତ୍ୟେକ ବର୍ଗ ପାଖରେ ପହଞ୍ଚିବା ପ୍ରୟାସ ସରକାର ନେଇଛି । ଦୁର୍ଗାପୂଜାର ଆଧ୍ୟାତ୍ମିକ ବାର୍ତ୍ତା ହେଉଛି ଅନ୍ୟାୟ, ଅହଂକାର ଓ ଅସତ୍ ଶକ୍ତିର ବିନାଶ । ଏହି ବାର୍ତ୍ତାକୁ ଆମେ ଆଜିର ସାମାଜିକ ଓ ରାଜନୈତିକ ଜୀବନରେ ମଧ୍ୟ ପ୍ରୟୋଗ କରିବା ଆବଶ୍ୟକ । ଦୁର୍ନୀତି, ଭେଦଭାବ, ଅନ୍ୟାୟ, ନିଶାସକ୍ତି, ନାରୀଙ୍କ ପ୍ରତି ହିଂସା ଓ ଯୁବସମାଜକୁ ନିରାଶା ଆଡ଼କୁ ଠେଲି ଦେଉଥିବା ପ୍ରବୃତ୍ତି ବିରୋଧରେ ସମାଜକୁ ଏକଜୁଟ ହେବାକୁ ପଡ଼ିବ । ଓଡ଼ିଶାର ବିକାଶ ଯାତ୍ରାରେ ଯେଉଁଠି ବାଧା ଦେଖାଦିଏ, ସେଠାରେ ତଥ୍ୟ, ଯୁକ୍ତି, ଗଣତାନ୍ତ୍ରିକ ଆଲୋଚନା ଓ ଲୋକଙ୍କ ସହଭାଗିତା ମାଧ୍ୟମରେ ସମାଧାନର ପଥ ଖୋଜିବା ଦରକାର । ମତଭେଦ ଗଣତନ୍ତ୍ରର ଅଂଶ କିନ୍ତୁ ରାଜ୍ୟର ହିତ, ଯୁବସମାଜର ଭବିଷ୍ୟତ ଓ ସାଧାରଣ ଲୋକଙ୍କ କଲ୍ୟାଣକୁ ସର୍ବୋପରି ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ।

ମା' ଦୁର୍ଗାଙ୍କ ନିକଟରେ ଆମର ପ୍ରାର୍ଥନା ହେଉ- ଓଡ଼ିଶାର ଉନ୍ନତି ପଥରେ ଥିବା ସମସ୍ତ ବାଧା ଦୂର ହେଉ, ରାଜ୍ୟରେ ସତ୍ୟ ଓ ନ୍ୟାୟ ପ୍ରତିଷ୍ଠିତ ହେଉ, ପ୍ରତ୍ୟେକ ଘରେ ଶାନ୍ତି ଓ ସମୃଦ୍ଧି ଆସୁ ଏବଂ ଯୁବସମାଜ ନିଜ ପ୍ରତିଭାର ପରିଚୟ ଦେବା ପାଇଁ ଯଥେଷ୍ଟ ସୁଯୋଗ ପାଉ । ପ୍ରକୃତ ଶ୍ରଦ୍ଧାଞ୍ଜଳି କର୍ମରେ ହେଉ ଆଡ଼ମ୍ବରରେ ନୁହେଁ । ଶାରଦୀୟ ଉତ୍ସବ ଆମକୁ ନୂଆ ସଂକଳ୍ପ ନେବାର ସୁଯୋଗ ଦିଏ । ଏହି ଅବସରରେ ଆମେ କେବଳ ନିଜ ପରିବାରର ମଙ୍ଗଳ କାମନା ନକରି, ରାଜ୍ୟର ପ୍ରତ୍ୟେକ ଗରିବ ପରିବାର, ପ୍ରତ୍ୟେକ ନିଯୁକ୍ତି ଆଶାୟୀ ଯୁବକଯୁବତୀ, ପ୍ରତ୍ୟେକ ଚାଷୀ, ଶ୍ରମିକ, ମହିଳା ଓ ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ମଧ୍ୟ ସଂକଳ୍ପବଦ୍ଧ ହେବା ଦରକାର ।

ସରକାର ନିଜ ଯୋଜନାକୁ ସ୍ୱଚ୍ଛତା ଓ ଦକ୍ଷତାର ସହ କାର୍ଯ୍ୟକାରୀ କରୁଛନ୍ତି । ଶିଳ୍ପପତିମାନେ ସାମାଜିକ ଦାୟିତ୍ୱ ପାଳନ କରନ୍ତୁ । ଶିକ୍ଷାନୁଷ୍ଠାନଗୁଡ଼ିକ ଦକ୍ଷ ଓ ଚରିତ୍ରବାନ ଯୁବପିଢ଼ି ଗଢ଼ିବାରେ ଆଗେଇ ଆସନ୍ତୁ । ଯୁବସମାଜ ନିଜ ପ୍ରତିଭାକୁ ରାଜ୍ୟର ବିକାଶରେ ନିୟୋଜିତ କରୁ । ସାଧାରଣ ନାଗରିକମାନେ ମଧ୍ୟ ଆଇନ ପାଳନ, ପରିବେଶ ସୁରକ୍ଷା, ସାମାଜିକ ସଦ୍‌ଭାବ ଓ ଦୁର୍ନୀତିମୁକ୍ତ ସମାଜ ଗଠନରେ ନିଜର ଭୂମିକା ନିର୍ବାହ କରନ୍ତୁ ।

ଆସନ୍ତୁ, ଏହି ଶାରଦୀୟ ଦୁର୍ଗୋତ୍ସବରେ ଆମେ ଏକ ନୂଆ ପ୍ରତିଜ୍ଞା ନେବା-ଓଡ଼ିଶାର ସମ୍ପଦ ଓଡ଼ିଶାର ସମୃଦ୍ଧିର ଆଧାର ହେବ, ଓଡ଼ିଶାର ଶିକ୍ଷା ଓଡ଼ିଶାର ଯୁବପିଢ଼ିକୁ ସଶକ୍ତ କରିବ ଏବଂ ଓଡ଼ିଶାର ବିକାଶରେ ପ୍ରତ୍ୟେକ ଓଡ଼ିଆଙ୍କ ଅବଦାନ ରହିବ । ଆମର ଲକ୍ଷ୍ୟ ଏପରି ଏକ ଓଡ଼ିଶା ଗଠନ କରିବା, ଯେଉଁଠାରେ କୌଣସି ଯୁବକ କେବଳ ରୋଜଗାର ଅଭାବରୁ ନିଜ ମାଟି ଛାଡ଼ିବାକୁ ବାଧ୍ୟ ହେବେ ନାହିଁ, କୌଣସି ଶିଶୁ ଆର୍ଥିକ ଅଭାବରୁ ଶିକ୍ଷାରୁ ବଞ୍ଚିତ ହେବ ନାହିଁ ଏବଂ କୌଣସି ଗରିବ ପରିବାର ଚିକିତ୍ସା ଅଭାବରୁ ଅସହାୟ ହେବେ ନାହିଁ । ମା' ଦୁର୍ଗାଙ୍କ ଆଶୀର୍ବାଦରେ ଉତ୍କଳର ଐତିହ୍ୟ ଓ ଆଧୁନିକତାର ସମନ୍ୱୟ ଘଟୁ, ଓଡ଼ିଶା ଅର୍ଥନୈତିକ ସମୃଦ୍ଧି ସହ ସାମାଜିକ ନ୍ୟାୟର ଏକ ଉଦାହରଣ ହେଉ ଏବଂ ଆମ ଯୁବସମାଜ ଆତ୍ମବିଶ୍ୱାସର ସହ ବିଶ୍ୱମଞ୍ଚରେ ନିଜ ପରିଚୟ ସୃଷ୍ଟି କରୁ ।

ଉତ୍କଳର ଉତ୍କର୍ଷତା ହିଁ ମା' ଦୁର୍ଗାଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି । ବିକଶିତ ଓଡ଼ିଶା ହେଉ ଆମର ସଂକଳ୍ପ, ଯୁବସମାଜର ସମୃଦ୍ଧି ହେଉ ଆମର ଲକ୍ଷ୍ୟ ଏବଂ ପ୍ରତ୍ୟେକ ଓଡ଼ିଆଙ୍କ ମୁହଁରେ ହସ ଫୁଟାଇବା ହେଉ ଆମର ସର୍ବୋଚ୍ଚ କର୍ତ୍ତବ୍ୟ ।

**ସାଂସଦ, ବିଜେପି ରାଜ୍ୟ ସଭାପତି, ଓଡ଼ିଶା**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିକ୍ଷା...

କରିଥିବା ସମସ୍ତ ଛାତ୍ର ସମାଜକୁ ଧନ୍ୟବାଦ ଜଣାଇଥିଲେ। ଯୁବପିଢ଼ିଙ୍କ ଉପରେ ନିଜର ଦୃଢ଼ ବିଶ୍ୱାସ ଥିବା ସେ କହିଥିଲେ।ରାଜ୍ୟର ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ସୁଗମ କରିବା ପାଇଁ ସରକାର 'କେଜିରୁ ପିଜି' ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇବା ପାଇଁ କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଥିଲେ। ଏଥିସହ ସ୍ନାତକ ଶିକ୍ଷା ସମାପ୍ତ କରୁଥିବା ଯୋଗ୍ୟ ଗରିବ ଛାତ୍ରୀଙ୍କୁ 'କନ୍ୟା ସୁମଙ୍ଗଳ ଯୋଜନା'ରେ ଏକ ଲକ୍ଷ ଟଙ୍କା ଦେବା ବିଷୟରେ ମଧ୍ୟ ସେ ଘୋଷଣା କରିଥିଲେ।

ନୂତନ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ କରିବା ସହ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବାକୁ ସରକାର ପଦକ୍ଷେପ ନେଇଥିବା ସେ କହିଥିଲେ। 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ମାଧ୍ୟମରେ ପ୍ରତି ପଞ୍ଚାୟତରେ ବିଶ୍ୱସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଯୋଜନା ରହିଥିବା ବେଳେ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୫ରୁ ୮ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ସେ କହିଥିଲେ।

ଭୁବନେଶ୍ୱର ଓ କଟକ ଭଳି ସହରକୁ ପାଠ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ରହଣି ସମସ୍ୟା ଦୂର କରିବାକୁ ସରକାର ବିଭିନ୍ନ ସହରରେ ହଷ୍ଟେଲ ନିର୍ମାଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ହଷ୍ଟେଲଗୁଡ଼ିକରେ ରିଡିଂ ରୁମ୍, ମେସ୍ ଏବଂ କଲେଜକୁ ଯିବାଆସିବା ପାଇଁ 'ଆମ ବସ୍' ସୁବିଧା ଯୋଗାଇ ଦିଆଯିବ। ସୁଲଭ ମୂଲ୍ୟରେ ରହଣି ସୁବିଧା ଉପଲବ୍ଧ କରାଇବା ଏହି ଯୋଜନାର ଲକ୍ଷ୍ୟ ବୋଲି ସେ କହିଥିଲେ।ସେହିପରି ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଉନ୍ନତମାନର ପ୍ରସ୍ତୁତି ସୁଯୋଗ ଦେବାକୁ କୋଚିଂ ବ୍ୟବସ୍ଥାକୁ ବ୍ୟାପକ କରାଯାଇଥିବା ସେ କହିଥିଲେ। ଏହାଦ୍ୱାରା ରାଜ୍ୟର ପ୍ରତିଭାବାନ ଯୁବକଯୁବତୀ ଓଡ଼ିଶାରେ ରହି ଜାତୀୟସ୍ତରର ପ୍ରଶିକ୍ଷଣ ପାଇବା ସହ ୟୁପିଏସ୍ସି ପରୀକ୍ଷାରେ ସଫଳତା ହାସଲ କରିପାରିବେ।ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ବଢ଼ାଇବାକୁ ରାଜ୍ୟ ସରକାର ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ସରକାରୀ କ୍ଷେତ୍ରରେ ୪୬ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଥିବା ସେ ଦାବି କରିଥିଲେ।

ରାଜ୍ୟକୁ ୨୨.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ବେଳେ ୧୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଏଥିମଧ୍ୟରୁ ପ୍ରାୟ ୩.୫ ଲକ୍ଷ କୋଟି ଟଙ୍କାର ପ୍ରାୟ ୨୦୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କିମ୍ବା ଉଦ୍ଘାଟନ ହୋଇଥିବା ଏବଂ ଏହାଦ୍ୱାରା ପ୍ରାୟ ୩ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିବା ସେ କହିଥିଲେ। ଯୁବପିଢ଼ି କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ନ ହୋଇ ଉଦ୍ୟୋଗୀ ତଥା ନିଯୁକ୍ତି ସୃଷ୍ଟିକାରୀ ହେବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ। ଏଥିସହ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଦକ୍ଷତା ହାସଲ, ଡିଜିଟାଲ ସାକ୍ଷରତା ଓ ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

କଲେଜ କ୍ୟାମ୍ପସଗୁଡ଼ିକୁ ନିଶାମୁକ୍ତ, ହିଂସାମୁକ୍ତ ଓ ଶୃଙ୍ଖଳିତ ଶିକ୍ଷାର ପରିବେଶରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଥିଲେ। ଯୁବବର୍ଗ ନିଶାଠାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଥିରୁ ଦୂରେଇ ରହିବାକୁ ପ୍ରେରିତ କରିବା ଉଚିତ ବୋଲି ସେ କହିଥିଲେ। କଲେଜ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି କ୍ୟାମ୍ପସକୁ ନିଶାମୁକ୍ତ ରଖିବାକୁ ସେ ନିବେଦନ କରିଥିଲେ।ଛାତ୍ର ନେତାମାନେ କେବଳ ରାଜନୀତିରେ ସୀମିତ ନ ରହି ସାଧାରଣ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ, ଶିକ୍ଷାର ଗୁଣବତ୍ତା ବୃଦ୍ଧି, କ୍ରୀଡ଼ା ଓ ସାଂସ୍କୃତିକ ବିକାଶରେ ଯୋଗଦାନ ଦେବା ଉଚିତ ବୋଲି ସେ କହିଥିଲେ। ସରକାରଙ୍କ ଛାତ୍ର ଓ ଯୁବ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବାରେ ସେମାନେ ସେତୁ ଭାବେ କାମ କରିବାକୁ ଆଶା ପ୍ରକାଶ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେଶର ବିକାଶ, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ। ସୋସିଆଲ ମିଡିଆରେ ଅପପ୍ରଚାରରୁ ସତର୍କ ରହିବା ସହ ସକାରାତ୍ମକ ଓ ଗଠନମୂଳକ ବାର୍ତ୍ତା ମାଧ୍ୟମରେ ସମାଜରେ ସଚେତନତା ସୃଷ୍ଟି କରିବାକୁ ସେ ଯୁବବର୍ଗଙ୍କୁ କହିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ର ପ୍ରତିନିଧିମାନେ ସେବା, ଶୃଙ୍ଖଳା ଓ ରାଷ୍ଟ୍ରଭକ୍ତିକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଏବିଭିପିର 'ଜ୍ଞାନ, ଶୀଳ ଓ ଏକତା' ଆଦର୍ଶକୁ ଅନୁସରଣ କରି ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଯୁବପିଢ଼ି ଯୋଗଦାନ ଦେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ବିଜୟୀ ଛାତ୍ର ପ୍ରତିନିଧି, ଯୁବନେତା ଓ କର୍ମୀଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ଏକ ସୁସ୍ଥ, ସୁନ୍ଦର, ପ୍ରଗତିଶୀଳ ଓ ନୂତନ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ସଭାରେ ମନ୍ତ୍ରୀ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ଗୋକୁଳାନନ୍ଦ ମଲ୍ଲିକ, ସୂର୍ଯ୍ୟବଂଶୀ ସୁରଜ ଓ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରଦ୍ଧାଳୁଙ୍କ...

ଦ୍ରୁତ ଗତିରେ ଆସିଥିଲା। ନିୟନ୍ତ୍ରଣ ହରାଇ ଏହା ମନ୍ଦିରର ବାହାର ପାଚେରିରେ ଧକ୍କା ଦେଇଥିଲା ।ଧକ୍କା ଏତେ ଜୋରଦାର ଥିଲା ଯେ ପାଚେରି ଭୁଶୁଡ଼ି ପଡ଼ିଥିଲା । ପରେ ଟ୍ରକ୍ଟି ରାସ୍ତାରେ ଥିବା ଲୋକଙ୍କୁ ଧକ୍କା ଦେବା ସହ ଅନେକ ଦୋକାନକୁ ମଧ୍ୟ କ୍ଷତିଗ୍ରସ୍ତ କରିଥିଲା ।ପାଚେରି ଭାଙ୍ଗି ପଡ଼ିବା ପରେ ମାଟି ଓ ଭଗ୍ନାବଶେଷ ତଳେ ପ୍ରାୟ ୪୦ରୁ ୫୦ ଜଣ ଲୋକ ଫସିଥିଲେ । ଖବର ପାଇ ତୁରନ୍ତ ଉଦ୍ଧାରକାରୀ ଦଳ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ମାଟି ଓ ଭଗ୍ନାବଶେଷ ତଳେ ଫସିଥିବା ଲୋକଙ୍କୁ ବାହାର କରିବାକୁ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ ।ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ହଠାତ୍ ଦ୍ରୁତଗତିରେ ଟ୍ରକ୍ଟି ଆସି ଲୋକଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଟ୍ରକ୍‌ରେ କ୍ଷମତାଠାରୁ ଅଧିକ ଧାନ ଲଦାଯାଇଥିବା ମଧ୍ୟ ସେ ଦାବି କରିଛନ୍ତି । ଏହି ଦୁର୍ଘଟଣାରେ ପ୍ରତ୍ୟକ୍ଷଦର୍ଶୀଙ୍କ ଭାଇ ମଧ୍ୟ ଆହତ ହୋଇଛନ୍ତି ।ଦୁର୍ଘଟଣା ପରେ ସମସ୍ତ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କିଛି ଆହତଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତର କହିଛନ୍ତି । ଡାକ୍ତର ସୁଧୀର ସକ୍ସେନାଙ୍କ ଅନୁସାରେ, ତାଙ୍କ ହସ୍ପିଟାଲରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି । ୪ରୁ ୫ ଜଣ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି । ଘଟଣା ପରେ ଅଞ୍ଚଳରେ ହାହାକାର ଓ ଆତଙ୍କର ପରିବେଶ ଖେଳିଯାଇଛି । ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଉଦ୍ଧାର କାର୍ଯ୍ୟ ମଧ୍ୟ ଚାଲିଛି ।

### କୋଲକାତା...

କରାଯାଇଥିବା ଏକ ଘୋଷଣା ଯୋଗୁ ଏହି ଦଳାଚକଟା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଆମକୁ ଏକ ଭିଡିଓ ଫୁଟେଜ୍ ମିଳିଛି। ସେଥିରେ 'ପେଣ୍ଡାଲ ଭୁଶୁଡ଼ି ଯିବ, ସମସ୍ତେ ପେଣ୍ଡାଲ ଛାଡ଼ି ଦିଅନ୍ତୁ' ବୋଲି ଘୋଷଣା କରାଯାଇଥିବା ଶୁଣିବାକୁ ମିଳିଛି। ଏହି ଘୋଷଣା କରିଥିବା ବ୍ୟକ୍ତିଙ୍କୁ ଆମେ ଚିହ୍ନଟ କରିବାକୁ ଉଦ୍ୟମ କରୁଛୁ। ସେ କାହିଁକି ଏଭଳି ଘୋଷଣା କଲେ, ତାହା ମଧ୍ୟ ଆମେ ଜାଣିବା ପାଇଁ ପ୍ରୟାସ କରୁଛୁ।

ସ୍ଥାନୀୟ ଲୋକେ ତଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଭିଡ଼ ନିୟନ୍ତ୍ରଣ ପାଇଁ ଉଚିତ ବ୍ୟବସ୍ଥା କରାଯାଇନଥିବାରୁ ଏମିତି ଏକ ଘଟଣା ଘଟିଲା। ସେହି ବରିଷ୍ଠ ପୁଲିସ ଅଧିକାରୀ ଜଣଙ୍କ ଆହୁରି କହିଛନ୍ତି ଯେ ଭିଡ଼ ନିୟନ୍ତ୍ରଣ ପାଇଁ ଆୟୋଜକମାନେ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରି ନଥିଲେ। ସେମାନେ ଉଚିତ ବ୍ୟବସ୍ଥା କରି ନଥିଲେ। ଏନେଇ ଆମ ପାଖରେ ଯଥେଷ୍ଟ ପ୍ରମାଣ ରହିଛି। ଆମେ ସିସିଟିଭି କ୍ୟାମେରା ଫୁଟେଜ ଓ ସ୍ଥାନୀୟ ଲୋକେ ସେମାନଙ୍କ ମୋବାଇଲ ଫୋନ୍‌ରେ ରେକର୍ଡ କରିଥିବା ଭିଡିଓ ଆଦି ସଂଗ୍ରହ କରିଛୁ। ଯଥେଷ୍ଟ ସଂଖ୍ୟାରେ ସୁରକ୍ଷା କର୍ମଚାରୀ ମଧ୍ୟ ନିୟୋଜିତ ହୋଇ ନଥିଲେ। ଆୟୋଜକମାନେ ସଠିକ୍ ଢଙ୍ଗରେ ପରିଚାଳନା କରି ନପାରିବାରୁ ଦଳଚକଟା ସମୟରେ ଲୋକେ ପ୍ରବେଶ ଦ୍ୱାର ଦେଇ ବାହାରି ଯିବାକୁ ପ୍ରୟାସ କରିଥିଲେ। ସେହିଭଳି ଉଭୟ ଗେଟ୍ ଓ ଆପ୍ରୋଚ୍ ରୋଡ୍ ଖୁବ୍ ସଂକୀର୍ଣ୍ଣ ଥିଲା। ତେଣୁ ଏହି ଘଟଣା ଘଟିଲା।

ଏହି ଦଳଚକଟାରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରେ ୧୩ ଜଣ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ୨୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି।

### ବିଦ୍ୟୁତ୍...

ମରାମତି କାମ କରୁଥିଲେ। ବିଦ୍ୟୁତ ଖୁଣ୍ଟରେ ଚଢି କାମ କରୁଥିବା ବେଳେ ଅଚାନକ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ଆଘାତରେ ଦୁହେଁ ଖୁଣ୍ଟ ଉପରୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଳିଆପଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ଓ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ। ବଳିଆପଣ୍ଡା ଅଞ୍ଚଳ ବାସିନ୍ଦା ମାନେ ଏହାକୁ ବିରୋଧ କରି ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଧାରଣା ଦେଇଛନ୍ତି।

## ୧୩ ମଣ୍ଡପରେ ଚାଲିଛି ମା'ଙ୍କ ପୂଜାର୍ଚ୍ଚନା



ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ର ୧୩ ପୂଜା ମଣ୍ଡପରେ ଶନିବାର ଓ ରବିବାର ୨ଦିନ ଧରି ମା ଦଶଭୂଜାଙ୍କ ପୂଜା ଧୁମଧାମରେ ପାଳିତ ହେଉଛି। ଶନିବାର ବିଭିନ୍ନ ପୂଜାମଣ୍ଡପରେ ବ୍ରତୀ ମାନଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପଣ୍ଡିତ ଓ ବ୍ରାହ୍ମଣ ମାନଙ୍କ ଦ୍ୱାରା ମା ଙ୍କୁ ଆବାହନ ପରେ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ମାଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡଲାଗି ରହିଛି। ସାରଡାଙ୍ଗ ପଞ୍ଚାୟତର ଅଲିପୁର ଠାରେ ଚାଲିଆସୁଥିବା ମାଙ୍କ ପୂଜା ୩୩ ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତ ବର୍ଷ ମହାଆଡମ୍ବରରେ ପାଳିତ ହେଉଛି। ଶନିବାର ଗ୍ରାମର ମହେଶ୍ୱର ପୃଷ୍ଟି, ଦିପକ ପୃଷ୍ଟି, ଉମାକାନ୍ତ ପୃଷ୍ଟି, ଗଦାଧର ଚକ୍ର, ନିଳମଣି ଚକ୍ର, ନାରାୟଣ ଚକ୍ର, ଶ୍ରୀଧର ଚକ୍ରଙ୍କ ଦ୍ୱାରା କଳସ ଅଣାଯିବା ପରେ ଆକାଶ ପଣ୍ଡା, ଜୟନ୍ତ ପଣ୍ଡା ଓ ଦିବ୍ୟ ପ୍ରକାଶ ପଣ୍ଡାଙ୍କ ଦ୍ୱାରା ଚଣ୍ଡୀପାଠ ଓ ଉପଚାରପୂଜା ଅନୁଷ୍ଠିତ ହୋଇଥିଲା। ସେହିଭଳି ମହତୀପୁର ଠାରେ ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ମାଙ୍କ ପୂଜାକୁ କମିଟି ସଭାପତି ରଘୁନାଥ ମହାନ୍ତି, ସମ୍ପାଦକ ଗୟାଧର ଜେନା, ସହ-ସମ୍ପାଦକ ବସନ୍ତ କୁମାର ପାତ୍ରଙ୍କ ସମେତ ସମସ୍ତ ସଭ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି ଚଳାଇଛନ୍ତି ।। ଏହାଛଡା ଗଣ୍ଡିବେଡ ଦୁର୍ଗାପୂଜା କମିଟିର ସଭାପତି ବିଜୟ କେତନ ନାୟକ, ମାନସ ରଞ୍ଜନ ରାଉଳ, ଉପସଭାପତି ରାମଚନ୍ଦ୍ର ବେହେରା, ସହ-ସମ୍ପାଦକ ବାବାଜୀ ଚରଣ ମହାନ୍ତି, କୋଷାଧକ୍ଷ ଇନ୍ଦୁ ଭୂଷଣ ପ୍ରଧାନ ପ୍ରମୁଖ ପ୍ରଚେଷ୍ଟାରେ ପୂଜା ଓ ତୋରଣକୁ ବେଶ ଆକର୍ଷଣୀୟ କରାଯାଇଛି। ବ୍ଲକର ଖଇରା, ଡଙ୍ଗୁରା, ସୁଁ,ରା, ସାରଡାଙ୍ଗ, ମଛଦା, ଡାଳଙ୍ଗ, ବାରାପୁର, ପତିରାଜପୁର, କୁପାରୀ, ନହଙ୍ଗ, ରଟିଣା, ହରିପୁରରେ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଧୂମଧାମରେ ଚାଲିଛି।

## ତହସିଲ କାର୍ଯ୍ୟାଳୟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ପରିସରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି । ଭାରତୀୟ ଷ୍ଟେଟବ୍ୟାଙ୍କର ଖଣ୍ଡପଡ଼ା ଶାଖା ପକ୍ଷରୁ ସାମାଜିକ ସୁରକ୍ଷା ଓ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ୮୦ ହଜାର ଅର୍ଥ ବ୍ୟୟରେ କ୍ରୟ କରାଯାଇଥିବା ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ତହସିଲଦାର ବିଶିଶୃତ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଲୋକାର୍ପିତ କରିଥିଲେ । ଭାରତୀୟ ଷ୍ଟେଟବ୍ୟାଙ୍କ ଖଣ୍ଡପଡ଼ା ଶାଖାର ପରିଚାଳକ ପ୍ରଶାନ୍ତ କୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ, ଖୋର୍ଦ୍ଧା ଷ୍ଟେଟବ୍ୟାଙ୍କର ଆଞ୍ଚଳିକ ପରିଚାଳକ ଭଗତ ବେହେରାଙ୍କ ସମେତ ତହସିଲ କାର୍ଯ୍ୟାଳୟ ଓ ଷ୍ଟେଟବ୍ୟାଙ୍କ ଖଣ୍ଡପଡ଼ା ଶାଖାର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ପ୍ରାର୍ଥୀଙ୍କ ସମୂହ ଶପଥ ଗ୍ରହଣ



ସାକ୍ଷୀଗୋପାଳ ,(ସବ୍ୟୁ): ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ଛାତ୍ର ସଂସଦ ଓ ଭଗିନୀ ସଂସଦଗୁଡ଼ିକର ବିଭିନ୍ନ ପଦ ନିମନ୍ତେ ଚୟନିତ ପ୍ରାର୍ଥୀମାନେ ଆଜି ପୂର୍ବାହ@ରେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି । କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଏହି ଶପଥଗ୍ରହଣ ଉତ୍ସବରେ ପୌରୋହିତ୍ୟ କରିଥିଲେ । କୁଳସଚିବ ରଶ୍ମିରେଖା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ ପୂର୍ବକ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ଚୟନିତ ପ୍ରାର୍ଥୀମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ନିର୍ବାଚନ ଅଧିକାରୀ ଡ. ସଂଗୀତା ଜେନା ଶପଥଗ୍ରହଣ ଉତ୍ସବ କାର୍ଯ୍ୟସୂଚୀ ଓ ନିୟମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସ୍ନାତକୋତ୍ତର ପରିଷଦ ଅଧକ୍ଷା ଡ. ଲିପିକା ନାୟକ ସମସ୍ତ ଚୟନିତ ପ୍ରାର୍ଥୀମାନଙ୍କୁ ଶପଥପାଠ କରାଇଥିଲେ । ଛାତ୍ର ସଂସଦ ସଭାପତି ରୂପେ ଶୁଭଲକ୍ଷ୍ମୀ ମଲ୍ଲିକ, ଉପ-ସଭାପତି ରୂପେ ରାଜଶ୍ରୀ ସାହୁ, ସାଧାରଣ ସଂପାଦିକା ରୂପେ ସ୍ୱପ୍ନାରାଣୀ ଭୂୟାଁ, ଯୁଗ୍ମ ସଂପାଦିକା ରୂପେ ପୁଷ୍ପଲତା ମହାନ୍ତି, ନାଟ୍ୟ ସଂସଦ ସଂପାଦକ ରୂପେ ସମୀର କୁମାର ମାଝୀ, କ୍ରୀ ସଂସଦ ସଂପାଦକ ରୂପେ ବାଦଲ ମେଦିନୀରା, ସାହିତ୍ୟ ସଂସଦ ସମ୍ପାଦିକା ରୂପେ ଇତିଶ୍ରୀ ସାହୁ, ଦିବାଧାୟୀ ସଂସଦ ସମ୍ପାଦିକା ରୂପେ ପୁଷ୍ପାଞ୍ଜଳି ରାୟ, ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ପ୍ରତିନିଧି ରୂପେ ସ୍ମୃତିରେଖା ପ୍ରଧାନ, ଭାଷା ଓ ସାହିତ୍ୟ ବିଭାଗ ପ୍ରତିନିଧି ରୂପେ ଅଲିଭା ପୃଷ୍ଟି, ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ପ୍ରତିନିଧି ରୂପେ ରୂପାଲି ବେହେରା ଶପଥପାଠ କରିଥିଲେ।ଏ ନିର୍ବାଚନ ପରିଚାଳନା ସମିତିର ସଦସ୍ୟ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, ଡ. ରାଧାଗୋବିନ୍ଦ କୁଇଲା, ଡ. ଶୁଭ୍ରାଂଶୁ ଶେଖର ବେହେରା ଓ ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ଶପଥଗ୍ରହଣ ଉତ୍ସବର ସଂଚାଳନା କରିଥିଲେ । ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ବିତ୍ତ ନିୟନ୍ତ୍ରକ ସଂଜୀବ କୁମାର ଜେନା, ପ୍ରଫେସର୍ ଅନନ୍ତ ନାରାୟଣ ଜେନା, ଡ. କୁଳମଣି ଓଝା, ଡ. ପ୍ରଶାନ୍ତ କୁମାର ମହାରଣା, ଡ. ନିବେଦିତା ମହାନ୍ତି, ଡ. ବାସନ୍ତୀ ମହାନ୍ତି, ଡ. ଶୁଭସ୍ମିତା ନାୟକ, ଡ. ସସ୍ମିତା ଜେନା ଓ ମୋନାଲି ଟ୍ୟାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ । ଶପଥ ଗ୍ରହଣ ଉତ୍ସବରେ ତିନୋଟି ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଶେଷରେ ସ୍ନାତକୋତ୍ତର ପରିଷଦ ଅଧକ୍ଷା ଡ. ଲିପିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମା କନକ ଦୁର୍ଗା ମହୋତ୍ସବ



ବା ।ଲି ପା ।ଟ ଣା ।, (ସବ୍ୟୁ):ତୁରିନ୍ତିରା ପଞ୍ଚାୟତ ଅନ୍ତର୍ଗତ ବାଗଳପୁର ଗ୍ରାମରେ ୪ର୍ଥ ମା କନକ ଦୁର୍ଗା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ କାର୍ଯ୍ୟକ୍ରମ ଗତ ଲୋକସଭା ପ୍ରାର୍ଥୀ ବିଜେଡ଼ି ଯୁବ ନେତା ମନ୍ମଥ ରାଉତରାୟ, ଚଳଚିତ୍ର ଅଭିନେତା ଇଂଜିନିୟର ଚନ୍ଦନ କର, ହାସ୍ୟ ଅଭିନେତା ଜ୍ଞାନ ବାରିକ, ସମାଜସେବୀ ମିର ଅହମଦ ଅଲି, ଶିକ୍ଷାବିତ ନାରାୟଣ ବେହେରା ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ଥିଲେ । ପ୍ରାରମ୍ଭରେ ଆଦର୍ଶଯୁଥ ଫାଉଣ୍ଡେସନ ଟ୍ରଷ୍ଟ ର ଅଧକ୍ଷ ପ୍ରଳୟ ଦାସ ସ୍ୱାଗତ ଭାଷଣ ଓ ଆଶୁତୋଷ ଚୌଧୁରୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ।କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବାସୁଦେବ ସ୍ୱାଇଁ, ଶୁଭ ଲକ୍ଷ୍ମୀ ମିଶ୍ର, ମିତାଲି ପ୍ରହରାଜ, ବୃନ୍ଦନାଥ ସାହୁ, ଦୀପକ ଭୂୟାଁ, ସୁରେଶ ବେହେରାଙ୍କ ସହିତ ବହୁ ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଦ୍ୱିତୀୟ ଦିବସ ତଥା ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଉଦ୍ୟୋଗପତି ସୁରେଶ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ବିଧୁଭୂଷଣ ପଟ୍ଟନାୟକ, ଅଧ୍ୟାପକ ଡ଼ ମୁରଲୀ ଧର ସାହୁ, କବି ଭଗବାନ ସାହୁ,ରଞ୍ଜନ ମହାପାତ୍ର, ଦୀନବନ୍ଧୁ ଭୋଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ସ୍ଥାନୀୟ ଏକ ମଫସଲ ଗ୍ରାମରେ ସଫଳତାର ସହ ମହୋତ୍ସବ କାର୍ଯ୍ୟ ଆୟୋଜିତ ହେଉଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ । ପରେ ରଙ୍ଗାରଙ୍ଗ ନୃତ୍ୟ ଗୀତ ର ଆସର ଦର୍ଶକଙ୍କୁ ବିମୋହିତ କରିଥିଲା ।ସମ୍ପାଦକ ରାକେଶ ନାୟକ ଓ କୋଷାଧକ୍ଷ ଗୁରୁ ଚରଣ ଦାସ ପରିଚାଳନାରେ ସହଯୋଗ କରିଥିଲେ ।

## ଛାତ୍ରଛାତ୍ରୀଙ୍କ ଦୃଷ୍ଟିଦୋଷ ଚିହ୍ନଟ ପ୍ରଶିକ୍ଷଣ ଶିବିର

ଦଶପଲ୍ଲା ,(ସବ୍ୟୁ): ଦୃଷ୍ଟିଶକ୍ତି ପ୍ରତି ଗୁରୁତ୍ୱ ଦେବାକୁ ଯାଇ ଗୁରୁବାର ଦିନ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଦୃଷ୍ଟିଶକ୍ତି ସମ୍ପର୍କିତ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଯାନୀ, ପି ଏମ ଶ୍ରୀ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର କହଁର, ସହ ଚକ୍ଷୁ ଚିକିତ୍ସକ ଦୀପକ କୁମାର ସାହୁ ଓ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚଆସୀନ ଥିଲେ । ଏହି କାର୍ଯ୍ୟକ୍ରମ ଗୁରୁବାର ଦିନ ପି ଏମ ଶ୍ରୀ ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଥିଲା ।୬୯ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ ।

## ଉପଭୋକ୍ତାଙ୍କ ମତାମତରେ ସ୍ମାର୍ଟଫୋନ ଅଭିଜ୍ଞତାରେ ସୁଧାର ଆଣୁଛି ଏଆଇ ପ୍ଲସ୍

ଭୁବନେଶ୍ୱର (ସବ୍ୟୁ) : ଗ୍ରାହକଙ୍କ ମତାମତକୁ ଗୁରୁତ୍ୱ ଦେଇ ନିଜର ଉତ୍ପାଦ ଓ ସେବାରେ ସୁଧାର ଆଣୁଛି ଏଆଇ+ ସ୍ମାର୍ଟଫୋନ। ଗ୍ରାହକ ସମୀକ୍ଷା, ଦୈନନ୍ଦିନ ବ୍ୟବହାର ଓ ବିକ୍ରି ପରବର୍ତ୍ତୀ ମତାମତ ଆଧାରରେ କମ୍ପାନୀ କ୍ୟାମେରା ସ୍ଥିରତା, କନେକ୍ଟିଭିଟି ଓ କାର୍ଯ୍ୟଦକ୍ଷତାରେ ସୁଧାର ପାଇଁ ସଫ୍ଟୱେର୍ ଅପଡେଟ୍, ଉନ୍ନତ ପରୀକ୍ଷଣ ଓ ଗ୍ରାହକ ସହାୟତାକୁ ଗୁରୁତ୍ୱ ଦେଉଛି। କମ୍ପାନୀର ବିଭିନ୍ନ ସ୍ମାର୍ଟଫୋନ ମଡେଲ୍‌କୁ ଡିଜାଇନ୍, କ୍ୟାମେରା, ବ୍ୟାଟେରୀ, ଡିସ୍‌ପ୍ଲେ ଓ ମୂଲ୍ୟ ପାଇଁ ଗ୍ରାହକଙ୍କଠାରୁ ସକାରାତ୍ମକ ମତାମତ ମିଳିଛି। ନୋଭା ୨ ନିଓ ୫ଜିର ବ୍ୟାଟେରୀ, ନୋଭା ୨ ପାୱାର ୫ଜିର ଡୁଆଲ୍-ଟୋନ୍ ଡିଜାଇନ୍, ନୋଭା ୨ ଅଲଟ୍ରା ୫ଜିର ଫଟୋଗ୍ରାଫି ଓ ଆମୋଲେଡ୍ ଡିସ୍‌ପ୍ଲେ ଏବଂ ଏଆଇ+ ୨ ପଲସ ୨ର ବ୍ୟାଟେରୀ ଓ ଡିଜାଇନ୍‌କୁ ପ୍ରଶଂସା କରାଯାଇଛି। ଏଆଇ ସ୍ମାର୍ଟଫୋନର ବ୍ରାଣ୍ଡ, ମାର୍କେଟିଂ ଓ ଗ୍ରୋଥ୍ ବିଭାଗ ମୁଖ୍ୟ ଆର୍ଚି ଗୋଗୋଇ କହିଛନ୍ତି ଯେ, ଗ୍ରାହକଙ୍କ ମତାମତକୁ ଗୁରୁତ୍ୱ ଦେଇ ଟେକ୍ନୋଲୋଜିରେ ସୁଧାର ଆଣିବା କମ୍ପାନୀର ପ୍ରମୁଖ ଲକ୍ଷ୍ୟ। ମତାମତକୁ କାର୍ଯ୍ୟକାରୀ ପଦକ୍ଷେପରେ ପରିଣତ କରି ଉପଭୋକ୍ତାଙ୍କ ଅଭିଜ୍ଞତାକୁ ଆହୁରି ଉନ୍ନତ କରିବା ଉପରେ କମ୍ପାନୀ ଗୁରୁତ୍ୱ ଦେଉଛି।

## ମଳିପଡାରେ ଦୁର୍ଗାପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମଳିପଡାରେମା ଜଗତଜନନୀ ଦୁର୍ଗତି ନାଶିନୀଙ୍କର ପୂଜା ୨୦ ବର୍ଷ ହେବ ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ଏହି ଦୁର୍ଗାପୂଜା ପର୍ବ ଧୁମଧାମରେ ପାଳନ କରାଯାଉଛି । ଏହି ଅବସରରେ ୫ ଦିନ ବ୍ୟାପୀ ମୀନା ବଜାର ସହିତ ଦୈନନ୍ଦିନ ସନ୍ଧ୍ୟାରେରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।ଏହି କାର୍ଯ୍ୟକ୍ରମ ଦୁର୍ଗାପୂଜା କମିଟି ଏବଂ ଗ୍ରାମବାସୀଙ୍କ ସହାୟତାରେ ରବିବାରଦିନ ମହା ସପ୍ତମୀ ପୂଜା ମହା ଆଡମ୍ବରରେ ପାଳନ ହୋଇଛି । ଆସନ୍ତା ୨୨ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ।

## ବରିଷ୍ଠ ନାଗରିକ ମଞ୍ଚ ବାର୍ଷିକୋତ୍ସବ



ଭୁବନେଶ୍ୱର,(ସବ୍ୟୁ): ବରିଷ୍ଠ ନାଗରିକ ମଞ୍ଚ, ଉତ୍ତରାର ଦଶମ ବାର୍ଷିକ ଉତ୍ସବ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ଡ. ଅମରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଯୁଗଳ କିଶୋର ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ମାନନୀୟ ଅତିଥି ଭାବେ ବି. କେ. ଗୀତା ଦିଦି ଯୋଗଦେଇଥିଲେ । ମଞ୍ଚର ସମ୍ପାଦକ ବେଣୁଧର ନାୟକଙ୍କ ପକ୍ଷରୁ ସଭ୍ୟ ପ୍ରଭାତ ଚନ୍ଦ୍ର ସାହୁ ମଞ୍ଚର ଗତ ଦଶବର୍ଷର ଗୌରବମୟ ଯାତ୍ରା, ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ସାମାଜିକ ଦାୟିତ୍ୱବୋଧର ସହିତ ସମ୍ପାଦିତ କାର୍ଯ୍ୟାବଳୀ ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ । ଏହି ମହ%ୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଚାରୁ ଆୟୋଜନ ଓ ସଫଳ ପରିଚାଳନାରେ ପ୍ରଭାତ ଚନ୍ଦ୍ର ସାହୁ, ଜୟରାମ ବିଶ୍ୱାଳ, ଶଙ୍କର ପ୍ରସାଦ ତ୍ରିପାଠୀ, ୍ରୀ ତ୍ରିନାଥ ସାମନ୍ତରାୟ, ସଚ୍ଚିକାନ୍ତ ମହାପାତ୍ର, ଶିବ ପ୍ରସାଦ ସାହାଣୀ, ଦେବାଶିଷ ପାଢ଼ୀ ଓ ଶଙ୍କର ମୁଦୁଲି ଉଲ୍ଲେଖନୀୟ ସହଯୋଗ ଓ ନିଷ୍ଠାପର ଅବଦାନ ପ୍ରଦାନ କରିଥିଲେ ।

## ହେଲାନି ଭାରିଯାନ ଚଳାଚଳ କଟକଣା

ଆଠଗଡ ,(ସବ୍ୟୁ) :ଦୁର୍ଗାପୂଜା ଅବସରରେ ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କର ବେଶ ଭିଡ଼ ଦେଖିବାକୁ ମିଳୁଛି । ଏହାକୁ ନଜରରେ ରଖି କଟକ ଜିଲ୍ଲାପାଳ ଖୁଣ୍ଟୁଣୀ ରୁ ନରସିଂହପୁର ପର୍ଯ୍ୟନ୍ତ ରାଜ୍ୟ ରାଜପଥ -୬୫ ଭାରି ଯାନ ଗାଡ଼ି ସକାଳ ୬ ରୁ ରାତି ୧୨ ଟା ପର୍ଯ୍ୟନ୍ତ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ।ଏହା ଅକ୍ଟୋବର ୧୭ ତାରିଖ ଠାରୁ ୨୭ ଅକ୍ଟୋବର ପର୍ଯ୍ୟନ୍ତ ବଳବତ୍ତର ରହିବ । କିନ୍ତୁ ଆଠଗଡ଼ ସହରରେ ଏହାର ପ୍ରବାହ କିଛି ଦେଖିବାକୁ ମିଳୁନାହିଁ । ଆଠଗଡ଼ ସହରରେ ସନ୍ଧ୍ୟାରେ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୁର୍ଗାମଣ୍ଡପ ଗୁଡିକ ନିକଟରେ ବେଶ ଭିଡ଼ ଦେଖିବାକୁ ମିଳୁଛି ।ଏହି ସମୟରେ ଭାରିଯାନ ଗାଡ଼ି ଆସିବା ଫଳରେ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି । ଏହାକୁ ଏଡାଇବାକୁ ନା ଅଛି ଟ୍ରାଫିକ ନା ଅଛନ୍ତି ପୋଲିସ । ଫଳରେ ସାଧାରଣ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଅଟକି ରହୁଛନ୍ତି । ଏହା ଦ୍ୱାରା। ଛୋଟ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି ।ଦୁର୍ଘଟଣା ହେଲେ ଏଥିପ୍ରତି ଦାୟି କେବଳ ଆଠଗଡ଼ ପୋଲିସ ଏବଂ ପ୍ରଶାସନ ରହିବେ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଛାତ୍ରସଂସଦ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କଣ୍ଟାପଡ଼ା, (ସବ୍ୟୁ):କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଅଡ଼ଶପୁର ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ମନୋନୀତ ଛାତ୍ର ସଂସଦ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜ ଅଡ଼ିଟୋରିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଧକ୍ଷା ଲୁଲୁମିନା ଦାସ ଯୋଗଦେଇ ସଭାପତି ପ୍ରୀତିକାନ୍ତ ପଣ୍ଡା, ଉପସଭାପତି ସଚ୍ଚିନ ମଲ୍ଲନ, ସାଧାରଣ ସମ୍ପାଦିକା ଇଶାନୀ ଐଶ୍ୱର୍ଯ୍ୟା ନାୟକ, ସହ ସାଧାରଣ ସମ୍ପାଦକ ଅଭିଜିତ ପରିଡ଼ା, ସାଂସ୍କୃତିକ ସମ୍ପାଦକ ହରିଶଙ୍କର କର, କ୍ରୀଡ଼ା ସମ୍ପାଦିକା ଅଭାଲିଂ‌‌ା ରାମ, ସହ ସାଂସ୍କୃତିକ ସମ୍ପାଦକ ପ୍ରତ୍ୟୁଷ ମହାନ୍ତି ଓ ସହ କ୍ରୀଡ଼ା ସମ୍ପାଦକ ବିଜୟକୁମାର ସାହୁଙ୍କୁ ଶପଥପାଠ କରାଇଥିଲେ । ସେହିପରି ଗୋବିନ୍ଦପୁର ଡିଗ୍ରୀ ମହାବିଦ୍ୟାଳୟର ମନୋନୀତ ଛାତ୍ର ସଂସଦର ନୂତନ କାର୍ଯ୍ୟକର୍ତ୍ତା ଅଧକ୍ଷ ନିମାଇଁ ଚରଣ ବିଶ୍ୱାଳ ଶପଥପାଠ କରାଇଥିଲେ ।

## ଇଟାଲୀ ଦେଶ ରୋମ ଭାଟିକାନ ସିଟି ତୋରଣ ମୁଖ୍ୟ ଆକର୍ଷଣ

ଅସ୍ତରଙ୍ଗ (ସବ୍ୟୁ) : ଶାରଦୀୟ ଦୁର୍ଗା ପୂଜା ପାଇଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଦୁର୍ଗା କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ଦୁର୍ଗା ପୂଜା ୫୮ ବର୍ଷ ରେ ପଦାର୍ପଣ କରିଛି ।ଏହିଅବସରରେ ବୁଧବାର ଅପରାହ୍ନ୩ଟାରେ ଜାଗୁଲାଇ ପଡ଼ିଆ ଦୁର୍ଗା ମଣ୍ଡପ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦୁର୍ଗା କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ ଅଧକ୍ଷତା କରିଥିବା ବେଳେ ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ରବୀନ୍ଦ୍ର ପରିଡା ଓ ନାଟ୍ୟ ସମ୍ପାଦକ ଯୁଗଳ କିଶୋର ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଅତିଥିଭାବେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଅମିତ ରାଏ, ବ୍ଲକ କନିଷ୍ଠ କିରାଣୀ ଦେବେନ୍ଦ୍ର ବାବୁ , ଅସ୍ତରଙ୍ଗ ଥାନା ଏସ.ଆଇ ଦିବ୍ୟରଞ୍ଜନ ସାହୁ, ଏ.ଏସ. ଆଇ ଜୁମର ବିଶ୍ୱାଳ ,ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସଜିତ ମହାନ୍ତି, ଉକୁଳେଇ ବିଦ୍ୟୁତ କାର୍ଯ୍ୟାଳୟ ଲାଇନ ମ୍ୟାନ ରାକେଶ ସ୍ୱାଇଁ ,ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରିୟ ଦର୍ଶୀ ବିଶ୍ୱାଳ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ଓ ମିଡ଼ିଆ ଫୋରମ ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଚଳିତ ବର୍ଷର ତୋରଣ ଇଟାଲୀ ଦେଶ ରୋମ ସହର ଭାଟିକାନ ସିଟ ରହିଥିବା ବେଳେ ଭକ୍ତମାନଙ୍କ ପାଇଁ ନୂତନ ଆକର୍ଷଣ ହେବ ବୋଲି ଜଣା ପଡିଛି ।

### ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି- ଏମ୍. ଅମରେଶ କୁମାର- ୯୪୩୯୯୨୮୮୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।







# ମଣିପୁରରେ ପୁଣି ହିଂସା: ଗୁଳି ବିନିମୟରେ ୩ ଆହତ

ଇମ୍ଫାଲ: ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଜାତିଗତ ହିଂସା ପୁଣି ଉଗ୍ର ରୂପ ନେଇଛି। ଶନିବାର ଦୁଇ ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ଘଟି ତିନିଜଣ ଆହତ ହୋଇଛନ୍ତି। ଏହା ସହିତ ଭାରତ-ମ୍ୟାମାର ସୀମା ନିକଟରେ ଥିବା ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ଦୁଇଟି ଗାଁରେ ନିଆଁ ଲଗାଇ ଦିଆଯାଇଛି। ଏହି ଘଟଣା ପରେ ଅଞ୍ଚଳରେ ଭୟ ଓ ଉତ୍ତେଜନା ବଢ଼ିଛି। ଗାଁ ଦୁଇଟିରେ ନିଆଁ ଲଗାଇବା ଘଟଣାରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ।

ପୁଲିସ ସୂଚନା ଅନୁସାରେ, ଶନିବାର ସକାଳେ ଚାସାଦ ଅଞ୍ଚଳରେ କୁକି ଓ ନାଗା ସମ୍ପ୍ରଦାୟ ସହ ସମ୍ପୃକ୍ତ ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ୩୬ ବର୍ଷୀୟ ଜଣେ କୁକି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଚାରିଜଣ ଆହତ ହୋଇଥିଲେ। ଏହା ପରେ ପ୍ରତିଶୋଧମୂଳକ ଆକ୍ରମଣ ହୋଇଥିବା ପୁଲିସ ସନ୍ଦେହ କରୁଛି। ପରବର୍ତ୍ତୀ ଗୁଳିବିନିମୟରେ ତିନିଜଣ ଟାଙ୍ଗଖୁଲ ନାଗା ବ୍ୟକ୍ତି ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ନିଙ୍ଗଚୌ ଗାଁର ଟି. ଚିଥୁଙ୍ଗ ଏବଂ ବୁଙ୍ଗପା ଖୁଲେନ୍ ଗାଁର ଏସ୍. ମାଲୁଙ୍ଗ ଓ ଏମ୍. ଶିଥୁଙ୍ଗ ଅଛନ୍ତି। ସେମାନଙ୍କୁ କାମଜୋଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ହିଂସା ମଧ୍ୟରେ ସ୍କିପେ ଓ ପିଲୋଙ୍ଗ ନାମକ ଦୁଇଟି ଟାଙ୍ଗଖୁଲ ନାଗା ଗାଁକୁ ସନ୍ଦିଗ୍ଧ ସଶସ୍ତ୍ର କୁକି ଗୋଷ୍ଠୀ ଜାଳିଦେଇଥିବା ଅଭିଯୋଗ ହୋଇଛି। ଗାଁ ଦୁଇଟି ଭାରତ-ମ୍ୟାମାର ସୀମା ନିକଟରେ ଅବସ୍ଥିତ। ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, କର୍ମଚାରୀ ଅଭାବରୁ ପୁଲିସ ଏଯାଏ ଘଟଣାସ୍ଥଳରେ ପହଞ୍ଚିପାରି ନାହିଁ।







# ସୌରଭ ଦାସ, ଆଶୁତୋଷଙ୍କ ମୁକ୍ତିରେ ବିଳମ୍ବ: ସରକାରଙ୍କୁ ଘେରିଲେ ଦୀପ୍‌କେ

ନୂଆଦିଲ୍ଲୀ: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସହ-ସଂଯୋଜକ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କ ମୁକ୍ତିକୁ ନେଇ ରବିବାର ଦିଲ୍ଲୀରେ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମୁକ୍ତି ପ୍ରକ୍ରିୟାରେ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ କରି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ସରକାରଙ୍କୁ ଘେରିଛନ୍ତି। ଅକ୍ଟୋବର ୧୪ରେ ଦାସ ଓ ରାଙ୍କାଙ୍କୁ ପାଞ୍ଚ ଦିନ ପାଇଁ ନ୍ୟାୟିକ ହାଜତକୁ ପଠାଯାଇଥିଲା। ଯନ୍ତରମନ୍ତରରେ ପ୍ରବେଶ ଏବଂ ପୁଲିସ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କ ମୁକ୍ତି ପାଇଁ ସିଜେପିର ଆଇନଗତ ଟିମ୍ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲା। ସିଜେପିର ଆଇନଗତ ବ୍ୟାପାର ମୁଖ୍ୟ ରତ୍ନା ସିଂହଙ୍କ ଅଭିଯୋଗ ଅନୁଯାୟୀ, ଜାମିନଦାରଙ୍କ କାଗଜପତ୍ର ଯାଞ୍ଚ ସହ ଆବଶ୍ୟକ ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ମାଜିଷ୍ଟ୍ରେଟ୍ ଦୀର୍ଘ ସମୟ ଧରି ଶୁଣାଣି କରିନଥିଲେ। ପରେ ମାଜିଷ୍ଟ୍ରେଟ୍‌ଙ୍କୁ ଧମକପୂର୍ଣ୍ଣ ବାର୍ତ୍ତା ମିଳିଥିବା ପ୍ରସଙ୍ଗ ଉଠିବାରୁ ମୁକ୍ତି ଆବେଦନର ଶୁଣାଣି ପଛକୁ ଘୁଞ୍ଚିଥିଲା। ଏହି ବାର୍ତ୍ତା ସହ ଦାସ ଓ ରାଙ୍କାଙ୍କ ମାମଲାର ସମ୍ପର୍କ କ'ଣ ବୋଲି ସିଂହ ପ୍ରଶ୍ନ କରିଛନ୍ତି।




































# ଏସୀୟ ପାରା କ୍ରୀଡ଼ାନ୍ତ ପ୍ରମୋଦ, ସିମରନ୍ ଧ୍ୱଜାବାହକ



ନାଗୋୟା,୧୮।୧୦(ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ରବିବାର ଆରମ୍ଭ ହୋଇଛି ୨୦୨୬ ଏସୀୟ ପାରା କ୍ରୀଡ଼ା। ନାଗୋୟାର ପାଲୋମା ମିଜୁହୋ ଷ୍ଟାଡିୟମ୍ରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ପାରା ବ୍ୟାଡ୍ମିଣ୍ଟନ୍ ତାରକା ତଥା ପାରାଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ଓ ଦୌଡ଼କୁଦ ଖେଳାଳି ସିମରନ୍ ଶର୍ମା। ଉଭୟ ଭାରତର ଧ୍ୱଜବାହକ ଭାବେ ତ୍ରିରଙ୍ଗା ଧରି ଉଦ୍ଘାଟନୀ ପରେଡ୍ରେ ଭାଗ ନେଇଥିଲେ।

ଏହି ପଞ୍ଚମ ସଂସ୍କରଣରେ ଏସିଆର ୪୫ଟି ଦେଶ ଓ ଅଞ୍ଚଳର ପ୍ରାୟ ୩ ହଜାର ପାରା ଆଥ୍ଲେଟ୍ ୧୮ଟି କ୍ରୀଡ଼ାରେ ଅଂଶଗ୍ରହଣ କରୁଛନ୍ତି। ଅକ୍ଟୋବର ୧୮ରୁ ୨୪ ଯାଏଁ ଚାଲିବ ଏହି ପ୍ରତିଯୋଗିତା। ଏଥର ଭାରତ ୧୬୮ ଜଣ ଖେଳାଳିଙ୍କ ସମେତ ମୋଟ ୨୮୧ ଜଣିଆ ଦଳ ପଠାଇଛି। ଭାରତୀୟ ଖେଳାଳିମାନେ ୧୧ଟି କ୍ରୀଡ଼ାରେ ପଦକ ପାଇଁ ଲଢ଼ିବେ।

ପ୍ରଥମେ ଭାରତର ଧ୍ୱଜବାହକ ଭାବେ ପ୍ରମୋଦ ଭଗତଙ୍କ ସହ ପାରା ଟେବୁଲ୍ ଟେନିସ୍ ଖେଳାଳି ଭାବିନା ପଟେଲଙ୍କ ନାମ ଘୋଷଣା ହୋଇଥିଲା। କିନ୍ତୁ ଅକ୍ଟୋବର ୧୯ରେ ଭାବିନାଙ୍କର କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଥିବାରୁ ତାଙ୍କୁ ବିଶ୍ରାମ ଓ ପ୍ରସ୍ତୁତି ପାଇଁ ଅଧିକ ସମୟ ଦେବା ଉଦ୍ଦେଶ୍ୟରେ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ବଦଳାଯାଇଥିଲା। ତାଙ୍କ ସ୍ଥାନରେ ସିମରନ୍ ଶର୍ମା ଧ୍ୱଜବାହକ ଦାୟିତ୍ୱ ତୁଲାଇଥିଲେ। ଭାରତ ଏଥର ଭଲ ପଦକ ସଫଳତା ହାସଲ କରିବା ଲକ୍ଷ୍ୟରେ ରହିଛି। ପାରା ଆଥ୍ଲେଟିକ୍ସ ଓ ପାରା ବ୍ୟାଡ୍ମିଣ୍ଟନ୍କୁ ଭାରତର ପ୍ରମୁଖ ପଦକ ଆଶା ଭାବେ ଦେଖାଯାଉଛି। ସୁମିତ ଅନ୍ତିଲ, ଅବନୀ ଲେଖରା, ଶୀତଲ ଦେବୀ, ପ୍ରମୋଦ ଭଗତ ଓ ସିମରନ୍ ଶର୍ମାଙ୍କ ଭଳି ଖେଳାଳିଙ୍କ ଉପରେ ନଜର ରହିବ। ୨୦୨୩ ମସିହାରେ ଚୀନ୍ର ହାଙ୍ଗଝୋଉରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ୧୦୮ଟି ପଦକ ଜିତିଥିଲା। ଏଥର ଦଳର ଆକାର ହ୍ରାସ ପାଇଥିଲେ ମଧ୍ୟ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଆଶା ରହିଛି। ଉଦ୍ଘାଟନୀ ସମାରୋହ ସହ ଏସିଆର ପାରା କ୍ରୀଡ଼ାବିତ୍ଙ୍କ ପଦକ ଲଢ଼େଇ ଆରମ୍ଭ ହୋଇଛି।

## ପ୍ରଥମ ଦିନ ସଚିନଙ୍କ ଶତକ, କେରଳ ୨୪୫/୬

**ରଣଜୀ ଟ୍ରଫି**

ଥିରୁବନନ୍ତପୁରମ୍,୧୮।୧୦(ଏଜେନ୍ସି): ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ପରାଜୟରୁ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦଳ ଶକ୍ତିଶାଳୀ କେରଳକୁ ଭେଟିଛି। ଏଲିଟ ଗ୍ରୁପ ସି' ଏହି ମ୍ୟାଚ ଥିରୁବନନ୍ତପୁରମର ଗ୍ରୀନଫିଲ୍ଡ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଉଛି। ମ୍ୟାଚର ପ୍ରଥମ ଦିନ କେରଳ ବ୍ୟାଟରଙ୍କ ରାଜୁତି ଦେଖିବାକୁ ମିଳିଥିଲା। ସଚିନ ବେବିଙ୍କ ଶତକ ଓ ମହମ୍ମଦ ଆଝାରୁଦିନଙ୍କ ଅପରାଜିତ ୭୨ ରନ ବଳରେ ଷ୍ଟମ୍ପଅପସାରଣ ବେଳକୁ କେରଳ ୮୫ ଓଭରରେ ୬ ୱିକେଟ ହରାଇ ୨୪୫ ରନ୍ କରିଛି। ଓଡ଼ିଶାର ଲଳିତ ଯାଦବ ଓ ସୌମ୍ୟ ଲେଙ୍କା ଦୁଇଟି କରି ୱିକେଟ ସଫଳତା ହାସଲ କରିଛନ୍ତି। ଟସ ଜିତି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତେଣୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା କେରଳ। ଦଳର ସ୍ଥିତି ଏପରି ହେଲା ଯେ, ମାତ୍ର ୧୮ ରନ ମଧ୍ୟରେ କେରଳ ୩ ୱିକେଟ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା। କିନ୍ତୁ ସଚିନ ବେବି ଓ ମହମ୍ମଦ ଆଝାରୁଦ୍ଦିନଙ୍କ ଜମାଣିଆ ଇନିଂସ ଯୋଗୁଁ କେରଳ ବିପର୍ଯ୍ୟୟରୁ ମୁକୁଳି ଭଲ ସ୍ଥିତିକୁ ଆସିଛି। ଓପନର ଅଭିଶେକ ନାୟକ ବିନା ସ୍କୋରରେ ପାଭିଲିୟନ ଫେରିଥିବା ବେଳେ ଜଲାଜ ସାକସେନା ମଧ୍ୟ ରନ ଖାତା ଖୋଲିପାରିନଥିଲେ। ଅନ୍ୟତମ ଅଭିଶେକ ନାୟର ୧୧ ରନ କରି ପାଭିଲିୟନ୍ ଫେରିଥିଲେ । ଏହାପରେ ସଚିନ ବେବିଙ୍କ ବ୍ୟାଟକୁ ଆତ୍ମ ବିଶ୍ୱାସ ଭରା ଶତକୀୟ ଦେଖିବାକୁ ମିଳିଥିଲା। ସଚିନ ୨୩୫ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ଗୋଟିଏ ଛକା ସହାୟତାରେ ୧୧୨ ରନ କରିଥିଲେ। ଅଧିନାୟକ ବିଷ୍ଣୁ ବିନୋଦ ୨୧ ଓ ସଲମାନ ନିଜାର ୨୧ ରନ କରି ପାଭିଲିୟନ୍ ଫେରିଥିଲେ। କିନ୍ତୁ ଶେଷଭାଗରେ ମହମ୍ମଦ ଆଝାରୁଦ୍ଦିନ ୧୩୫ ବଲର ସମ୍ମୁଖୀନ ହୋଇ ଅପରାଜିତ ୭୨ ରନ ଏବଂ ଆଦିତ୍ୟ ସରାୱେତେ ୩ ରନ୍ କରି ବ୍ୟାଟିଂ ମଙ୍ଗ ଧରିଛନ୍ତି। ଓଡ଼ିଶାର ଲଳିତ ଯାଦବ ଓ ସୌମ୍ୟ ଲେଙ୍କା ଦୁଇଟି କରି ୱିକେଟ ସଫଳତା ହାସଲ କରିଥିବା ବେଳେ ରାଜେଶ ମହାନ୍ତି ଏବଂ ବାଦଲଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ମିଳିଛି।




































Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି